୧୦-୧୬ ମାର୍ଚ୍ଚ ୨୦୨୪

ସକାଳ
THE SAKALA

ରବିବାର

# ସିନ୍ଧୁରା

- ପରିବହନ ବ୍ୟବସ୍ଥାର ବିକଶିତ ପରିଭାଷା
- ଗୌରବ ବଢ଼ାଉଛି ସିଏନ୍‌ବିଟି
- ସଂପର୍କର ନୂଆସେତୁ
- ଗଢ଼ୁଛି ବିକାଶର ଗାଡ଼ି
- ହାତମୁଠାରେ ବସ୍ ସେବା
- ଦୁର୍ଗମ ଅଞ୍ଚଳରେ ଆମ ବସ୍‌ଷ୍ଟାଣ୍ଡ




# ଗମନାଗମନର ନୂଆ ପରିଭାଷା




ମଣିଷର ଯାତ୍ରା ପଥକୁ ସୁଗମ କରିଥାଏ ପରିବହନ ବ୍ୟବସ୍ଥା । ଉନ୍ନତ ପରିବହନ ବ୍ୟବସ୍ଥା ଗୋଟିଏ ଅଞ୍ଚଳର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିଥାଏ । ଉତ୍ତମ ପରିବହନ ସେବା ସେଇ ଅଞ୍ଚଳର ପ୍ରଗତିର ଚିତ୍ରକୁ ପ୍ରତିଫଳିତ କରିଥାଏ । ଲୋକଙ୍କୁ ଉତ୍ତମମାନର ଗମନାଗମନ ସୁବିଧା ଯୋଗାଇ ଦେବାକୁ ପ୍ରତ୍ୟେକ ସରକାର ପ୍ରାଥମିକତା ଦେବା ଉଚିତ । ଓଡ଼ିଶାରେ ମଧ୍ୟ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ରାଜ୍ୟ ସରକାର ଏକାନ୍ତ ବଦ୍ଧପରିକର ।

ରାଜ୍ୟବାସୀଙ୍କ ଗମନାଗମନ ସୁବିଧାକୁ ସୁଗମ କରିବାକୁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ବସ୍‌ଷ୍ଟାଣ୍ଡଗୁଡ଼ିକର ରୂପାନ୍ତରିକରଣ । ରାଜ୍ୟ ସରକାରଙ୍କ '୫ – ଟି' ଉପକ୍ରମରେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ବା ଓଏସ୍‌ଆର୍‌ଟିସି ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଛି ଅନେକ ବସ୍‌ଷ୍ଟାଣ୍ଡ । ଏହି ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡଗୁଡ଼ିକରେ ଯାତ୍ରୀମାନଙ୍କ ସୁବିଧା ପାଇଁ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ରହିଛି । ଅତ୍ୟାଧୁନିକ ଯାତ୍ରୀ ପ୍ରତୀକ୍ଷାଳୟ, ପାନୀୟ ଜଳ, ଶୌଚାଳୟ, ମନୋରଞ୍ଜନ ପାଇଁ ଏଲ୍‌ଇଡି ଟିଭିର ମଧ୍ୟ ବ୍ୟବସ୍ଥା ରହିଛି । ସେହିପରି ଆଇନ ଶୃଙ୍ଖଳା ରକ୍ଷା ପାଇଁ ବ୍ୟବସ୍ଥା ରହିଛି । ବସ୍‌ଷ୍ଟାଣ୍ଡର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଫୁଲ ଗଛ ଲଗାଯାଇଛି । ରାତ୍ରିରେ ଆଲୋକମାଳାରେ ଝଲସି ଉଠୁଛି ବସ୍‌ଷ୍ଟାଣ୍ଡଗୁଡ଼ିକ । ସହର ଭଳି ଉପାନ୍ତ ଅଞ୍ଚଳର ବସ୍‌ଷ୍ଟାଣ୍ଡଗୁଡ଼ିକ ମଧ୍ୟ ଆକର୍ଷଣୀୟ ଦେଖାଯାଉଛି । ପୁଣି ସବୁ ପ୍ରକାର ଅତ୍ୟାଧୁନିକ ସୁବିଧା ରହିଛି ମୋ ବସ୍‌ଷ୍ଟାଣ୍ଡଗୁଡ଼ିକରେ ।

ରାଜଧାନୀର ବାବା ସାହେବ ଭୀମ୍ ରାଓ ଆମ୍ବେଦକର ବସ୍ ଟର୍ମିନାଲଠାରୁ ଆରମ୍ଭ କରି କୋରାପୁଟର ସିମିଳିଗୁଡ଼ା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ସବୁଠି ଯାତ୍ରୀଙ୍କ ପାଇଁ ଉପଲବ୍ଧ ଅଛି ଅତ୍ୟାଧୁନିକ ସୁବିଧା । ତେବେ 'ଆମ ବସ୍‌ଷ୍ଟାଣ୍ଡ'ର ଏବେ ପରିବହନ କ୍ଷେତ୍ରରେ ନୂଆ ଉଦାହରଣ ପାଲଟିଛି । ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ନିର୍ମାଣ ହୋଇଛି ଏଭଳି ଅତ୍ୟାଧୁନିକ ଆମ ବସ୍‌ଷ୍ଟାଣ୍ଡ । ଆହୁରି କେତେକ ବସ୍‌ଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ ଚାଲିଛି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ହୋଇଥିବା ବସ୍‌ଷ୍ଟାଣ୍ଡର ରୂପାନ୍ତରିକରଣକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା: **ଗମନାଗମନର ନୂଆ ପରିଭାଷା**

**ପ୍ରସ୍ତୁତି 'ସକାଳ' ବ୍ୟୁରୋ**



## କେମିତି କଟିବ ସପ୍ତାହ



**ମେଷ**

ରବି, ସୋମବାରରେ ଅନିଶ୍ଚିତ ଭବିଷ୍ୟତ ପାଇଁ ଅବସାଦରେ ରହିପାରନ୍ତି । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ମଙ୍ଗଳ, ବୁଧ, ଗୁରୁବାରରେ ଗୁରୁଜନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିପାରନ୍ତି । ଶୁକ୍ର,ଶନିବାରରେ ଆର୍ଥିକ କ୍ଷେତ୍ରରେ ଅବନତି ପରିଲକ୍ଷିତ ହୋଇପାରେ ।



**ବୃଷ**

ରବି,ସୋମବାରରେ ବିଭିନ୍ନ କ୍ଷେତ୍ରରୁ ସାହାଯ୍ୟ ପାଇବେ । ପରିସ୍ଥିତି ସହ ଖାପଖୁଆଇ ଚଳିବେ । ମଙ୍ଗଳ, ବୁଧ,ଗୁରୁବାରରେ ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳତା ଦେଖାଦେବ । ବ୍ୟବସାୟ ପ୍ରସାରିତ ହୋଇପାରେ । ଶୁକ୍ର,ଶନିବାରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟକି ଯାଇପାରେ ।



**ମିଥୁନ**

ରବି,ସୋମବାରରେ ନିଜ ବ୍ୟବହାର ପାଇଁ ପ୍ରଶଂସିତ ହେବେ । ମହିଳାମାନେ କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ । ମଙ୍ଗଳ, ବୁଧ,ଗୁରୁବାରରେ କୌଣସି ଗୁରୁତ୍ୱପୂର୍ଣ୍ଣ କଥାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । ଶୁକ୍ର,ଶନିବାରରେ ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ପାଇ ସଠିକ୍ ମାର୍ଗ ଅନୁସରଣ କରିବେ ।



**କର୍କଟ**

ରବି,ସୋମବାରରେ ବ୍ୟସ୍ତତା ମଧ୍ୟରେ ରହିବେ । ପାରିବାରିକ କାର୍ଯ୍ୟରେ ଫସି ରହିବେ । ମଙ୍ଗଳ, ବୁଧ,ଗୁରୁବାରରେ ନୂତନ ଚିନ୍ତା ନେଇ ଆଗକୁ ବଢ଼ିବେ । ଶୁକ୍ର,ଶନିବାରରେ ଜୀବନସାଥୀଙ୍କ ସହଯୋଗ ପାଇବେ । ଛାତ୍ରଛାତ୍ରୀ ଲେଖାପଢ଼ାରେ ମନଲଗାଇବେ ।



**ସିଂହ**

ରବି,ସୋମବାରରେ ନିଜ ପ୍ରତିଭାର ପ୍ରଦର୍ଶନ କରିବେ । ଦୀର୍ଘ ଦିନର ଯୋଜନାରେ ସଫଳତା ପାଇବେ । ମଙ୍ଗଳ, ବୁଧ,ଗୁରୁବାରରେ କାର୍ଯ୍ୟକ୍ଷେତ୍ରରେ ବରିଷ୍ଠ ବ୍ୟକ୍ତିଙ୍କ ସହଯୋଗ ପାଇବେ । ଅର୍ଥହାନିର ଶିକାର ହୋଇପାରନ୍ତି । ଶୁକ୍ର,ଶନିବାରରେ ସମାଜରେ ଉଚ୍ଚ ସମ୍ମାନର ଅଧିକାରୀ ହେବେ ।




**କନ୍ୟା**

ରବି,ସୋମବାରରେ ପାରିବାରିକ ସମ୍ପର୍କରେ ତିକ୍ତତା ଦେଖାଦେଇପାରେ । କର୍ମକ୍ଷେତ୍ରରେ ପଦୋନ୍ନତିର ସୁଯୋଗ ରହିଛି । ମଙ୍ଗଳ, ବୁଧ,ଗୁରୁବାରରେ ନୂତନ ନିବେଶ କରି ଲାଭାନ୍ୱିତ ହେବେ । ବ୍ୟବସାୟ ସମ୍ବନ୍ଧରେ ଦୂରଯାତ୍ରା କରିବେ । ଶୁକ୍ର,ଶନିବାରରେ ପୈତୃକ ସମ୍ପତ୍ତିରେ ଭାଗୀଦାରୀ ହେବେ ।



**ତୁଳା**

ରବି,ସୋମବାରରେ ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ । କର୍ମକ୍ଷେତ୍ରରେ ଦାୟିତ୍ୱଭାର ବଢ଼ିପାରେ । ମଙ୍ଗଳ, ବୁଧ,ଗୁରୁବାରରେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଶୁକ୍ର,ଶନିବାରରେ ଅଭାବ ଓ ଅସୁବିଧା ଦେଖାଦେଇପାରେ ।



**ବିଛା**

ରବି,ସୋମବାରରେ ସାମାଜିକ କାର୍ଯ୍ୟରେ ରୁଚି ବଢ଼ିବ । ମଙ୍ଗଳ, ବୁଧ,ଗୁରୁବାରରେ କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତି ଦେଖାଦେଇ ପାରେ । ଅର୍ଥହାନି ଯୋଗ ରହିଛି । ଶୁକ୍ର,ଶନିବାରରେ ମନୋରଞ୍ଜନ କାର୍ଯ୍ୟରେ ମଜ୍ଜି ରହିବେ । ଛାତ୍ରଛାତ୍ରୀ ପରୀକ୍ଷାରେ ଭଲ ଫଳାଫଳ କରିବେ ।




**ଧନୁ**

ରବି,ସୋମବାରରେ ଆଶାବାଦୀ ଓ ଉତ୍ସାହିତ ରହିବେ । ମଙ୍ଗଳ, ବୁଧ,ଗୁରୁବାରରେ ବିବାଦୀୟ ସ୍ଥିତିରୁ ଦୂରେଇ ରୁହନ୍ତୁ । ଦାମ୍ପତ୍ୟ ଜୀବନରେ ଶାନ୍ତି ରହିବ । ଶୁକ୍ର,ଶନିବାରରେ ଅର୍ଥ ଆଗମନର ସୂଚନା ପାଇବେ । ନୂତନ ନିବେଶ ପାଇଁ ଅନୁଭବୀଙ୍କ ପରାମର୍ଶ ଲୋଡ଼ିବେ ।



**ମକର**

ରବି,ସୋମବାରରେ ପରିଶ୍ରମ ମୁତାବକ ଫଳପ୍ରାପ୍ତି । ପରିବାର ସହ ଦୂରଯାତ୍ରା ଯୋଗ ରହିଛି । ମଙ୍ଗଳ, ବୁଧ,ଗୁରୁବାରରେ ଅବହେଳାର ଶିକାର ହେବେ । ଅତ୍ୟଧିକ କାର୍ଯ୍ୟକରି ଅସୁସ୍ଥ ମନେ କରିବେ । ଶୁକ୍ର,ଶନିବାରରେ ବନ୍ଧୁଙ୍କଠାରୁ ଆର୍ଥିକ ସହଯୋଗ ପାଇବେ ।



**କୁମ୍ଭ**

ରବି,ସୋମବାରରେ ସକାରାତ୍ମକ ଭାବନା ସହ କାର୍ଯ୍ୟ କରିବେ । ପ୍ରିୟଜନଙ୍କ କଥାକୁ ଗୁରୁତ୍ୱ ଦେବେ । ମଙ୍ଗଳ, ବୁଧ, ଗୁରୁବାରରେ କଠୋର ପରିଶ୍ରମ ଓ ଧୈର୍ଯ୍ୟ ଶକ୍ତି ବଳରେ ସଫଳତା ପାଇବେ । ଶୁକ୍ର, ଶନିବାରରେ ଅନ୍ୟର କଥାରେ ମୁଣ୍ଡ ପୂରାନ୍ତୁ ନାହିଁ ।



**ମୀନ**

ରବି,ସୋମବାରରେ ସାମାଜିକ ସମାବେଶରେ ସାହାଯ୍ୟ କରିପାରନ୍ତି । କର୍ମକ୍ଷେତ୍ରରେ ପ୍ରଶଂସାର ଅଧିକାରୀ ହେବେ । ମଙ୍ଗଳ, ବୁଧ, ଗୁରୁବାରରେ ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିବେ । ଶୁକ୍ର, ଶନିବାରରେ କୋର୍ଟକଚେରୀ ମାମଲାରେ ପଡ଼ିଯାଇପାରନ୍ତି ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com





ଫଟୋ: ସନ୍ତୋଷ

# ପରିବହନ ବ୍ୟବସ୍ଥାର ବିକଶିତ ପରିଭାଷା
# ଆମ ବସ୍‌ଷ୍ଟାଣ୍ଡ

ପ୍ରିୟବ୍ରତ ନାୟକ

**ଯୋଗାଯୋଗ ହେଉଛି ବିକାଶର ଆଧାର । ଉତ୍ତମ ପରିବହନ ବ୍ୟବସ୍ଥା ଆମ ଅର୍ଥନୀତିର ମୁଖ୍ୟ ଶକ୍ତି । ସେଥିପାଇଁ ଗାଁଠୁ ସହର ସବୁଆଡ଼େ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ନେଉଛନ୍ତି ବିହିତ ପଦକ୍ଷେପ । '୫-ଟି' ଉପକ୍ରମରେ ରାଜ୍ୟର ଯୋଗାଯୋଗ ଭିତ୍ତିଭୂମି ଓ ସାଧାରଣ ପରିବହନର ବ୍ୟବସ୍ଥାର ବିକାଶ କରାଯାଉଛି । ସରକାର କେବଳ ଗାଁକୁ ସହର ସହିତ ଯୋଡ଼ିବା ପାଇଁ ଲକ୍ଷ୍ମୀ ବସ୍‌ର ଶୁଭାରମ୍ଭ କରିନାହାନ୍ତି ବରଂ ଜନସାଧାରଣଙ୍କୁ ଉତ୍ତମ ପରିବହନ ଅନୁଭୂତି ପ୍ରଦାନ ଲାଗି 'ଆମ ବସ୍‌ଷ୍ଟାଣ୍ଡ' ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଆମ ବସ୍‌ଷ୍ଟାଣ୍ଡଗୁଡ଼ିକ ବ୍ୟବସାୟ କେନ୍ଦ୍ର ଭାବେ ବିକଶିତ କରାଯାଇ ଅର୍ଥନୈତିକ ଓ ସାମାଜିକ ଉତ୍‌ଥାନର ଆଧାର କରାଯିବ । ଗୋଟିଏ ସହରର ପରିଚୟ ସୃଷ୍ଟି ପାଇଁ ବସ୍‌ଷ୍ଟାଣ୍ଡର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ସାଧାରଣ ପରିବହନ ଭିତ୍ତିଭୂମିକୁ ମଜଭୁତ୍ କରିବା ସହିତ ଲୋକମାନେ ଯେପରି ଏହି ସାଧାରଣ ପରିବହନ ବ୍ୟବସ୍ଥାକୁ ବହୁଳ ଭାବେ ବ୍ୟବହାର କରିବେ, ସେଥିପାଇଁ ସରକାର ଉଦ୍ୟମ କରୁଛନ୍ତି । ନୂଆ ବସ୍‌ଷ୍ଟାଣ୍ଡରେ ଲୋକମାନଙ୍କର ସୁରକ୍ଷା ସହିତ ସେଠାରେ ଉପଲବ୍ଧ ସାଧାରଣ ସୁବିଧା ସୁଯୋଗର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ରାଜ୍ୟର ପରିବହନ ସେବା କ୍ଷେତ୍ରରେ ଏହି ବସ୍‌ଷ୍ଟାଣ୍ଡଗୁଡ଼ିକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ।**

## ପରିବହନ ଭିତ୍ତିଭୂମିରେ ରୂପାନ୍ତରଣର ସ୍ୱାକ୍ଷର

ଦିନ ଥିଲା ବସ୍‌ଷ୍ଟାଣ୍ଡର ଚିତ୍ର ବଡ଼ ଦୁର୍ବଳ ଥିଲା । କାନ୍ଥରୁ ରଙ୍ଗ ଛାଡ଼ି ଯାଇଥିବ, ଛାତରୁ କଂକ୍ରିଟ୍ ଖସୁଥିବ । ଅନେକ ସ୍ଥାନରେ ତ ବସ୍‌ଷ୍ଟାଣ୍ଡ କହିଲେ ଖୋଲା ପଡ଼ିଆ, ଆଉ ବିଶ୍ରାମ ପାଇଁ ଆଜ୍‌ବେଷ୍ଟ ଘର ଖଣ୍ଡେ । ବସିବା ଆସନ, ଶୌଚାଳୟ ସୁବିଧା ଆଦୌ ନଥିଲା । ପ୍ରଚଣ୍ଡ ଖରାରେ ମୁଣ୍ଡ ଉପରେ ଫ୍ୟାନ୍ କୌଣସି ସ୍ୱପ୍ନଠାରୁ କିଛି କମ୍ ନଥିଲା । ବସ୍‌ଷ୍ଟାଣ୍ଡ କେବଳ ଇତିହାସର ମୂକସାକ୍ଷୀ ପରି ଛିଡ଼ା ହୋଇ ରହିଥିଲା । ଦଶନ୍ଧି ଦଶନ୍ଧି ଧରି ଏପରି ଜରାଜୀର୍ଣ୍ଣ ଅବସ୍ଥା ଭିତରେ ବସ୍ ଯାତ୍ରୀମାନେ ବିଭିନ୍ନ ସମସ୍ୟାକୁ ସାମ୍ନା କରୁଥିଲେ । କିନ୍ତୁ ଆଜି ରାଜ୍ୟ ପରିବହନ ବ୍ୟବସ୍ଥାରେ ନୂତନ ରୂପାନ୍ତରଣ ଯାତ୍ରୀଙ୍କୁ ନା କେବଳ ସୁଖଦ ଅନୁଭୂତି ଦେଉଛି, ବରଂ ସେମାନଙ୍କ ମନରେ ଆତ୍ମବିଶ୍ୱାସ ବଢ଼ାଉଛି ।

ବଡ଼ ସହରର ଲୋକଙ୍କ ଭଳି ସେମାନଙ୍କ ବସ୍‌ଷ୍ଟାଣ୍ଡ ବି ଆଖି ଝଲସାଇ ଦେଉଛି । '୫-ଟି' ଉପକ୍ରମ ଅଧୀନରେ 'ଆମ ବସ୍‌ଷ୍ଟାଣ୍ଡ' ଯୋଜନାରେ ଜିଲ୍ଲାର ପ୍ରମୁଖ ବସ୍‌ଷ୍ଟାଣ୍ଡରେ ନବକଳେବର କରାଯାଉଥିବା ବେଳେ ବ୍ଲକ୍ ସ୍ତରରେ ବି ବସ୍‌ଷ୍ଟାଣ୍ଡ ଉନ୍ନୟନ ଚାଲିଛି । ଗାଁରୁ ନେଇ ଭୁବନେଶ୍ୱର, କଟକ ସବୁଠି ପରିବହନ ବ୍ୟବସ୍ଥାର ଏକ ମୌଳିକ ଭିତ୍ତିଭୂମିରେ ବିରାଟ ପରିବର୍ତ୍ତନର ସ୍ୱାକ୍ଷର ରହିଛି । ଯାହା ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିର ମାଧ୍ୟମ ସାଜୁଛି ।

ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶାର ଯୋଗାଯୋଗ ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣ ସୁନିଶ୍ଚିତ କରାଯାଇଛି । ଗ୍ରାମ ପଞ୍ଚାୟତ ହେଉ ଅବା ରାଜ୍ୟ ରାଜପଥ, ସବୁଠି ସୁବ୍ୟବସ୍ଥିତ ସଡ଼କ

ଆରାମଦାୟକ ପରିବହନ ଅନୁଭୂତି ଦେଉଛି । ଏପରିସ୍ଥଳେ ସାଧାରଣ ପରିବହନ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ସ୍ୱରୂପ ରାଜ୍ୟ ସରକାର 'ଆମ ବସ୍‌ଷ୍ଟାଣ୍ଡ' ଯୋଜନା କାର୍ଯ୍ୟକାରୀ କରିଛନ୍ତି । ରାଜ୍ୟର ସବୁ ଜିଲ୍ଲାରେ ବସ୍‌ଷ୍ଟାଣ୍ଡଗୁଡ଼ିକର









ନବକଳେବର ସହିତ ପରିବହନ ଭିତ୍ତିଭୂମିରେ ଉନ୍ନତି ଆଣିବା ସହ ମହିଳା ସଶକ୍ତିକରଣ ଦିଗରେ ବଡ଼ ପଦକ୍ଷେପ ନେଇଛନ୍ତି । ଗୋଟିଏ ପଟେ ଉନ୍ନତ ବସ୍‌ଷ୍ଟାଣ୍ଡ ସହିତ ଯାତ୍ରୀଙ୍କୁ ସୁଖଦ ଅନୁଭୂତି ମିଳୁଥିବା ବେଳେ ଏହାର ପରିଚାଳନା ଦାୟିତ୍ୱ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ପ୍ରଦାନ କରି ମହିଳା ସଶକ୍ତିକରଣ ପାଇଁ ସରକାର ଆଉ ଏକ ପାଦ ବଢ଼ାଇଛନ୍ତି ।

## ସୁନିଶ୍ଚିତ ହେଉଛି ଗୁଣବତ୍ତା

କେବଳ ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ ନୁହେଁ, ନିର୍ମାଣରେ ଉଚ୍ଚ ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ବସ୍‌ଷ୍ଟାଣ୍ଡ ନିର୍ମାଣ କରୁଥିବା ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍ଆରଟିସି) ଏଥିପାଇଁ ଜଳ ସମ୍ପଦ, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ମାଣ ବିଶେଷଜ୍ଞଙ୍କ ସହାୟତା ନିଆଯାଉଛି । ଗ୍ରାମରୁ ସହର ପର୍ଯ୍ୟନ୍ତ ଗମନାଗମନ ବ୍ୟବସ୍ଥାକୁ ଦକ୍ଷ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ବ୍ଲକ୍ ସ୍ତରରେ 'ଆମ ବସ୍‌ଷ୍ଟାଣ୍ଡ' ଯୋଜନା ହାତକୁ ନେଇଛନ୍ତି । ରାଜ୍ୟ ସରକାରଙ୍କ '୫-ଟି' ଉପକ୍ରମ ଅଧୀନରେ ନିର୍ମାଣ ହେଉଥିବା ଆମ ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କ ପାଇଁ ସର୍ବୋତ୍ତମ ସୁବିଧା ଉପଲବ୍ଧ କରାଯିବ । ନିର୍ମାଣ କାର୍ଯ୍ୟରେ ଯେପରି ଗୁଣବତ୍ତା ପ୍ରତି ସାଲିସ କରା ନ ଯାଏ, ସେଥିପ୍ରତି ଯତ୍ନବାନ ରହିବା ପାଇଁ ମୁଖ୍ୟ ସଚିବ ଓଏସ୍ଆର୍‌ଟିସି ଓ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ନିମନ୍ତେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଜିଲ୍ଲା, ସବ୍ ଡିଭିଜନ୍ ଏବଂ ବ୍ଲକ୍‌ସ୍ତରୀୟ ନୋଡାଲ୍ କମିଟି ଗଠନ କରାଯାଇଛି । ଜିଲ୍ଲାରେ ନିର୍ମିତ ଆମ ବସ୍‌ଷ୍ଟାଣ୍ଡର ସମ୍ପୂର୍ଣ୍ଣ ଭାର ଜିଲ୍ଲା କମିଟି ଉପରେ ନ୍ୟସ୍ତ କରାଯାଇଛି । କାମ ଜାରି ରହିଥିବା ସମୟରେ ଏବଂ ପରେ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ସୁନିଶ୍ଚିତ କରାଯାଉଛି ।



## ସେବାରେ ସମର୍ପିତ ୨୦ 'ଆମ ବସ୍‌ଷ୍ଟାଣ୍ଡ'

ଗତ ଫେବୃଆରୀ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୩ ଜିଲ୍ଲାରେ ୨୦ଟି ନବନିର୍ମିତ 'ଆମ ବସ୍‌ଷ୍ଟାଣ୍ଡ'ର ଲୋକାର୍ପଣ କରିଛନ୍ତି । ଏହି ଜିଲ୍ଲା ଗୁଡ଼ିକ ହେଲା- ଅନୁଗୋଳ, ବାଲେଶ୍ୱର, ବୌଦ୍ଧ, ଢେଙ୍କାନାଳ, ଗଜପତି, କେନ୍ଦ୍ରାପଡ଼ା, କେନ୍ଦୁଝର, କୋରାପୁଟ, ନୟାଗଡ଼, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର ଓ ସୁବର୍ଣ୍ଣପୁର । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉତ୍ତମ ଯୋଗାଯୋଗ ଜରିଆରେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଛି । ଏହା ହେଉଛି ଆମ ଅର୍ଥନୀତିର ମୁଖ୍ୟ ଶକ୍ତି । ଗାଁରୁ ସହର ସବୁଆଡ଼େ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଆମର ଲକ୍ଷ୍ୟ ରହିଛି । ଗାଁକୁ ଲକ୍ଷ୍ମୀ ଯୋଜନାରେ ବ୍ଲକ୍ ସହ ଯୋଡ଼ା ଯାଉଛି । ଭୁବନେଶ୍ୱରରେ ମେଟ୍ରୋ ରେଳ ଯୋଜନା ଆରମ୍ଭ ହୋଇଛି ବୋଲି କହି ଯୋଗାଯୋଗରେ ଉନ୍ନତି ହେଲେ ଲୋକଙ୍କ ରୋଜଗାର ବଢ଼ିବା ସହ ଚାଷୀ ଭାଇ ଭଉଣୀମାନେ ଲାଭବାନ ହେବେ ଓ ପିଲାଙ୍କ ପାଠପଢ଼ାରେ ସୁବିଧା ହେବ ବୋଲି ସେ କହିଥିଲେ । ନୂଆ ବସ୍‌ଷ୍ଟାଣ୍ଡଗୁଡ଼ିକ ବ୍ୟବସାୟ କେନ୍ଦ୍ର ଭାବେ ଧୀରେ ଧୀରେ ବିକଶିତ ହେବ ଏବଂ ଏହା ଦ୍ୱାରା ଅର୍ଥନୈତିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଇବ । ଏହି ଅବସରରେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏହି ବସ୍‌ଷ୍ଟାଣ୍ଡଗୁଡ଼ିକ ଆପଣମାନଙ୍କର ସମ୍ପତ୍ତି । ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରି ବିକାଶର ଭାଗୀଦାର ହେବା ଲାଗି ସେ ଆହ୍ୱାନ ଜଣାଇଥିଲେ ।



### ୨୬ ଜିଲ୍ଲାରେ ୧୨୪ ବ୍ଲକ୍‌ସ୍ତରୀୟ ବସ୍‌ଷ୍ଟାଣ୍ଡ

### ୪ ବର୍ଷ ପାଇଁ ୩୭୩ କୋଟି ବ୍ୟୟବରାଦ

ଗ୍ରାମାଞ୍ଚଳକୁ ସହର ଏବଂ ରାଜଧାନୀ ସହିତ ଯୋଡ଼ିବା ଲାଗି ରାଜ୍ୟ ସରକାର କେବଳ 'ଲକ୍ଷ୍ମୀ' ଭଳି ଅଭିନବ ସାଧାରଣ ପରିବହନ ବ୍ୟବସ୍ଥା ପ୍ରଚଳନ କରି ନାହାନ୍ତି, ବରଂ ବସ୍‌ଷ୍ଟାଣ୍ଡଗୁଡ଼ିକୁ ଅତ୍ୟାଧୁନିକ ରୂପ ଦେବା ଲାଗି ମଧ୍ୟ ପଦକ୍ଷେପ ନେଇଛନ୍ତି । ଗତ ଫେବୃଆରୀ ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଆମ ବସ୍‌ଷ୍ଟାଣ୍ଡ' ଯୋଜନାରେ ୧୩ ଜିଲ୍ଲାରେ ୨୦ଟି ବସ୍‌ଷ୍ଟାଣ୍ଡର ଲୋକାର୍ପଣ କରିଛନ୍ତି । ଅବଶିଷ୍ଟ ୩୪ଟି ବସ୍‌ଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ ଜାରି ରହିଛି । ଏହି ପ୍ରକଳ୍ପ ଲାଗି ୨୦୨୨-୨୩ରୁ ୨୦୨୫-୨୬ ଚାରି ବର୍ଷ ପାଇଁ ୩୭୩.୧୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ୨୩ ଜିଲ୍ଲାରେ ସମୁଦାୟ ୫୫ଟି ବ୍ଲକ୍‌ସ୍ତରୀୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୨୭୨.୨୮ କୋଟି ଟଙ୍କା ଦିଆଯାଇଛି । ସମୁଦାୟ ଅର୍ଥରୁ ନିର୍ମାଣ କାର୍ଯ୍ୟ ଲାଗି ୩୦୪.୦୮ କୋଟି ଟଙ୍କା ଦିଆଯାଇ ଥିବାବେଳେ ୫୫ ବସ୍‌ଷ୍ଟାଣ୍ଡର ପରିଚାଳନା ପାଇଁ ୬୦.୮୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହା ବ୍ୟତୀତ ୨୬ ଜିଲ୍ଲାରେ ୧୨୪ ଟି ଆମ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଗତବର୍ଷ ଅଗଷ୍ଟ ମାସରେ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ତାହାର ନିର୍ମାଣ କାମ ଆରମ୍ଭ ହୋଇଛି । ଅତିରିକ୍ତ ଭାବେ ବଲାଙ୍ଗିର, ମୋଟୁ, ଜୟପୁର ଓ ଆଠଗଡ଼ରେ ଗୋଟିଏ ଲେଖାଏଁ ଆମ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଛି ଏବଂ ଏହାର ପରିଚାଳନା ଲାଗି ୮.୧୮ କୋଟି ବ୍ୟୟବରାଦ କରାଯାଇଛି ।

ସରକାରୀ ବସ୍‌ର ପ୍ରଚଳନ ଏବଂ ବସ୍‌ଷ୍ଟାଣ୍ଡର ଭିତ୍ତିଭୂମି ନିର୍ମାଣ ଜରିଆରେ ଲୋକଙ୍କୁ ସାଧାରଣ ପରିବହନ ବ୍ୟବସ୍ଥା ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରହିଛି । ଏହା ସହିତ ପର୍ଯ୍ୟଟନ, ଅର୍ଥନୈତିକ କାରବାର ଏବଂ କର୍ମନିଯୁକ୍ତି ବୃଦ୍ଧି ପାଇବ । ବ୍ଲକ୍‌ରୁ ବ୍ଲକ୍, ବ୍ଲକ୍‌ରୁ ଜିଲ୍ଲା ଏବଂ ଜିଲ୍ଲାରୁ ରାଜଧାନୀକୁ ବସ୍ ସହିତ ଯୋଡ଼ିବା ସହିତ ଅର୍ଥନୈତିକ କାରବାର ବୃଦ୍ଧି ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ଉତ୍ତମ ପରିବହନ ବ୍ୟବସ୍ଥାର ପ୍ରଚଳନ ଜରିଆରେ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ହାସଲ ଦିଗରେ ଏହି ପଦକ୍ଷେପ ସହାୟକ ହେବ । ସଡ଼କ ଯୋଗାଯୋଗରେ ଓଡ଼ିଶା ସମଗ୍ର ଦେଶରେ ପ୍ରଥମ ସ୍ଥାନ ରହିଥିବା ବେଳେ ରାଜ୍ୟରେ ମାତ୍ର ୧୫% ସାଧାରଣ ପରିବହନ ସେବା ଉପଲବ୍ଧ ଅଛି । ତେଣୁ ଅଗ୍ରାଧିକାର ଭିତ୍ତିରେ ଲକ୍ଷ୍ମୀ ବସ୍‌ର ପ୍ରଚଳନ ସହିତ ଆମ ବସ୍‌ଷ୍ଟାଣ୍ଡ ଯୋଜନାରେ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ଏସବୁ ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କ ପାଇଁ ବିଭିନ୍ନ ସୁବିଧା ସହିତ ବୟସ୍କ, ଗର୍ଭବତୀ, ଶିଶୁ, ମହିଳା, ଦିବ୍ୟାଙ୍ଗ ଯାତ୍ରୀଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି । ଏହି ବସ୍‌ଷ୍ଟାଣ୍ଡଗୁଡ଼ିକର ସୁପରିଚାଳନା ପାଇଁ ସମ୍ପୃକ୍ତ ଜିଲ୍ଲା ପ୍ରଶାସନ ଫ୍ୟାସିଲିଟି ମ୍ୟାନେଜମେଣ୍ଟ ସର୍ଭିସେସ୍ (ଏଫ୍‌ଏମ୍‌ଏସ୍) ସଂସ୍ଥାକୁ ନିୟୋଜିତ କରୁଛନ୍ତି ।










## ମହିଳା ସଶକ୍ତିକରଣର ପ୍ରକୃଷ୍ଟ ମାଧ୍ୟମ

ମହିଳା ସଶକ୍ତିକରଣ ଦିଗରେ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଏହି କ୍ରମରେ ଆମ ବସ୍‌ଷ୍ଟାଣ୍ଡ ପ୍ରକୃଷ୍ଟ ମାଧ୍ୟମ ସାଜିବାକୁ ଯାଉଛି। ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କ ପାଇଁ ବହୁବିଧ ସୁବିଧା ଉପଲବ୍ଧ କରାଯାଉଥିବା ବେଳେ ରାଜ୍ୟର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଲାଗି ନୀତିଗତ ନିଷ୍ପତ୍ତି ହୋଇଛି। ରାଜ୍ୟର ବସ୍‌ଷ୍ଟାଣ୍ଡଗୁଡ଼ିକୁ ବ୍ୟବସାୟ କେନ୍ଦ୍ରରେ ପରିଣତ କରାଯାଉଛି। ଗୋଟିଏ ପରେ ସ୍ଥାନୀୟ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ବସ୍‌ଷ୍ଟାଣ୍ଡର ପରିଚାଳନା ଦାୟିତ୍ୱ ଦିଆଯାଉ ଥିବା ବେଳେ ଅନ୍ୟ ପଟେ ସେଠାରେ ବିଭିନ୍ନ ପ୍ରକାର ବ୍ୟବସାୟ କେନ୍ଦ୍ର ପରିଚାଳାନା ଦାୟିତ୍ୱ ମଧ୍ୟ ସେମାନଙ୍କ ଉପରେ ନ୍ୟସ୍ତ କରାଯାଇଛି। ସ୍ଥାନୀୟ ଏସ୍‌ଏଚ୍‌ଜିର ମହିଳାମାନେ ସରକାରୀ ସେବା ପରିଚାଳନାରେ ନିଜର ଯୋଗଦାନ ସହିତ ନିଜେ ସ୍ୱାବଲମ୍ବୀ ହୋଇପାରିବେ। ମହିଳାମାନଙ୍କ ଭାଗୀଦାରୀ ସୁନିଶ୍ଚିତ କରିବା ଲାଗି ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଗ୍ରାଧିକାର ଭିତ୍ତିରେ ମହିଳାମାନଙ୍କୁ ଦାୟିତ୍ୱ ହସ୍ତାନ୍ତର ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି।







## ବାବା ସାହେବ ଭୀମ୍‌ରାଓ ଆମ୍ବେଦକର ବସ୍ ଟର୍ମିନାଲ୍

ରାଜଧାନୀ ଭୁବନେଶ୍ୱରର ଆଉ ଏକ ବଡ଼ ପରିଚୟ ହେଉଛି ବରମୁଣ୍ଡା ବସ୍‌ଷ୍ଟାଣ୍ଡ। ସାରା ରାଜ୍ୟର ଲୋକ ଏହିଠାରୁ ନିଜ ନିଜ ଜିଲ୍ଲାକୁ ବସ୍ ଧରିଥାନ୍ତି। ରାଜ୍ୟର ପୁରାତନ ଓ ସର୍ବବୃହତ୍ ବସ୍‌ଷ୍ଟାଣ୍ଡ ଭାବେ ବରମୁଣ୍ଡା ବସ୍‌ଷ୍ଟାଣ୍ଡର ପରିଚୟ ଆବଶ୍ୟକ ନାହିଁ। ୧୯ ୯୨ ମସିହା ପୂର୍ବରୁ ଏଜି ଛକସ୍ଥିତ ପୁରୁଣା ବସ୍‌ଷ୍ଟାଣ୍ଡରେ ସ୍ଥାନାଭାବ ହେତୁ ବରମୁଣ୍ଡାରେ ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଥିଲା। ବରମୁଣ୍ଡା ଗାଁ ମୁଣ୍ଡରେ ଥିବା ଖେଳ ପଡ଼ିଆ ନିକଟସ୍ଥ ୧୫ ଏକର ଜାଗାରେ ଭୁବନେଶ୍ୱରର ନୂଆ ବସ୍‌ଷ୍ଟାଣ୍ଡ ସ୍ଥାପନ କରାଗଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ବସ୍‌ଷ୍ଟାଣ୍ଡ ପାଇଁ ଭିତ୍ତିପ୍ରସ୍ତର ରଖିଥିଲେ। ପରବର୍ତ୍ତୀ ସମୟରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ବରମୁଣ୍ଡା ବସ୍‌ଷ୍ଟାଣ୍ଡକୁ ଉଦ୍‌ଘାଟନ କରିଥିଲେ। ହେଲେ ଆଜି ବରମୁଣ୍ଡାର ସେହି ଚିରପରିଚିତ ବସ୍‌ଷ୍ଟାଣ୍ଡ ରୂପ ବଦଳି ଯାଇଛି। ସେହି ସ୍ଥାନରେ ନୂଆ କରି ନିର୍ମାଣ ହୋଇଛି 'ବାବା ସାହେବ ଭୀମ୍‌ରାଓ ଆମ୍ବେଦକର ବସ୍ ଟର୍ମିନାଲ୍'। ୨୦୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ବସ୍‌ଷ୍ଟାଣ୍ଡକୁ ସପ୍ତାହ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି।

ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନା କେବଳ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ବରଂ ଆଧୁନିକ ସ୍ଥାପତ୍ୟର ଏକ ଅପୂର୍ବ ନିଦର୍ଶନ। ଅତୀତର ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଆଜି କୌଣସି ବିମାନବନ୍ଦରଠାରୁ କିଛି କମ୍ ନୁହେଁ। ଆଖି ଖୋସି ହୋଇଯିବା ପରି କାରୁକାର୍ଯ୍ୟ। ରାଜ୍ୟର ବସ୍‌ଷ୍ଟାଣ୍ଡ ରୂପାନ୍ତରଣ ଇତିହାସରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡର ନବୀକରଣ ପ୍ରକଳ୍ପ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ।

## ରେଷ୍ଟୁରାଣ୍ଟରେ ୫ ଟଙ୍କିଆ ମିଲ୍

୫ ଟଙ୍କିଆ ମିଲ୍ କଥା କହିଲେ ଆହାର କେନ୍ଦ୍ର କଥା ମନକୁ ଆସେ। ଫ୍ୟାନ୍ ତଳେ ଧାଡ଼ିରେ ବସି ୫ ଟଙ୍କିଆ ଭାତ ଡାଲମା ଭୋଜନ ଦୃଶ୍ୟ ସାଧାରଣ କଥା। କିନ୍ତୁ ଯାହା ଅସାଧାରଣ କଥା, ତାହା ହେଉଛି ରେଷ୍ଟୁରାଣ୍ଟଠାରୁ କୌଣସି ଗୁଣରେ କମ୍ ନଥିବା ଆହାର କେନ୍ଦ୍ର। ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଭିତରେ ସରକାର ଯେଉଁ ଆହାର କେନ୍ଦ୍ର ଖୋଲିଛନ୍ତି ସେଠି ଖାଇବା ଲୋକଙ୍କ ଅପେକ୍ଷା ସେଲ୍‌ଫି ନେଉଥିବା ଲୋକଙ୍କ ସଂଖ୍ୟା ଅଧିକ। ସାଧାରଣ ଆହାର କେନ୍ଦ୍ର ଓ ଏହି ଆହାର କେନ୍ଦ୍ରର ଖାଦ୍ୟରେ ମଧ୍ୟରେ ଯଦିଓ କୌଣସି ପ୍ରଭେଦ ନାହିଁ, ବଡ଼ କଥା ହେଉଛି ସେଠାକାର ଚକଚକିଆ ପରିବେଶ। ସେଠାରେ ଆହାର ଖାଉଥିବା ଲୋକଙ୍କ ମୁହଁରେ ଗୋଟିଏ କଥା, ୫ ଟଙ୍କିଆ ଭାତ ଡାଲମା ଏପରି ସ୍ଥାନରେ ବସି ଯେ ଖାଇବାକୁ ମିଳିବ, କେବେ ଭାବି ନଥିଲୁ। ସତରେ ଦେଖିବାପରି ଆହାର କେନ୍ଦ୍ର ହୋଇଛି।

## କାଠପଟାର ସ୍ଥାନ ନେଇଛି ଡିସ୍‌ପ୍ଲେ ବୋର୍ଡ

ବସଷ୍ଟାଣ୍ଡରେ ଯାତ୍ରୀ ସୂଚନା ପାଇଁ ଲାଗିଥିବା କାଠ ଫଳକର ସ୍ଥାନ ନେଇଛି ଅତ୍ୟାଧୁନିକ ଡିସ୍‌ପ୍ଲେ ବୋର୍ଡ। କେଉଁ ବସ୍ କେଉଁ ରୁଟ୍‌ରେ ଯିବ, କେତେବେଳେ ବସ୍‌ଷ୍ଟାଣ୍ଡ ଛାଡ଼ିବ। ଏ ସବୁର ତଥ୍ୟ ସ୍କ୍ରିନ୍‌ରେ ଝଲସୁଛି। ବସ୍‌ଷ୍ଟାଣ୍ଡକୁ ଆସିବା ଓ ଛାଡ଼ିବାର ସୂଚନା ସ୍ୱୟଂଚାଳିତ ଭାବେ ମିଳୁଛି। ବସ୍‌ଷ୍ଟାଣ୍ଡରେ ସମସ୍ତ ବ୍ୟବସ୍ଥା ସ୍ୱୟଂଚାଳିତ ଢଙ୍ଗରେ ଚାଲିଛି। ବସ୍ କେତେବେଳେ ବେ'ରେ ପହଞ୍ଚିବ ଓ ସେଠାରୁ ଗନ୍ତବ୍ୟସ୍ଥଳକୁ ଗତି କରିବ, ତା'ର ସୂଚନା ଆପେ ଚାଳକଙ୍କ ନିକଟରେ ପହଞ୍ଚିଯାଉଛି। ଯାତ୍ରୀଙ୍କୁ ଏଥିପାଇଁ କାହାକୁ ପଚାରିବାକୁ ପଡୁଡ଼ି।

## ଯୋଗାଯୋଗ ଭିତ୍ତିଭୂମିର ମାଇଲଖୁଣ୍ଟ

ବରମୁଣ୍ଡାରେ ନବନିର୍ମିତ 'ବାବା ସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲ' ପରିବହନ ଭିତ୍ତିଭୂମିରେ ନୂଆ ମାଇଲଖୁଣ୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ। ରାଜ୍ୟରେ ଲକ୍ଷ୍ମୀ ବସ୍‌ର ପ୍ରଚଳନ ଆରମ୍ଭ ସହିତ ଜିଲ୍ଲା ଓ ବ୍ଲକ୍ ସ୍ତରରେ ବସ୍‌ଷ୍ଟାଣ୍ଡର ନବକଳେବର ପାଇଁ କାମ ଜାରି ରହିଛି। ଆଗକୁ ପରିବହନ ଭିତ୍ତିଭୂମି ଅନେକ ନୂଆ ବ୍ୟବସ୍ଥା ଦେଖିବ। ତେବେ ଏପରି ସମୟରେ ବରମୁଣ୍ଡାରେ ଅତ୍ୟାଧୁନିକ ସ୍ଥାପତ୍ୟର ନିଦର୍ଶନ ବହନ କରୁଥିବା ଏହି ବସ୍‌ଷ୍ଟାଣ୍ଡ ଅନ୍ୟ ପ୍ରକଳ୍ପ ପାଇଁ ପଥ ପ୍ରଦର୍ଶକ ସାଜିବ ବୋଲି କୁହାଯାଉଛି। ଯାତ୍ରୀ ସୁବିଧା, ସୁରକ୍ଷା, ମହିଳା ସଶକ୍ତିକରଣ, ସମୟାନୁବର୍ତ୍ତିତା କ୍ଷେତ୍ରରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଅନନ୍ୟ ଉଦାହରଣ ପାଲଟିଛି। ■








# ଗୌରବ ବଢ଼ାଇଛି ସିଏନ୍‌ବିଟି

ଓଡ଼ିଶାବାସୀଙ୍କ ପ୍ରିୟ ସହର କଟକ । କଟକର ପୂଜା, କଟକର ବାଲିଯାତ୍ରା, ବାରବାଟୀ ଷ୍ଟାଡିୟମର କ୍ରିକେଟ୍ ମ୍ୟାଚ୍, ହାଇକୋର୍ଟ ହେଉ କି ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ୍, ସବୁବେଳେ ଏହା ଓଡ଼ିଶା ନିମନ୍ତେ ବଡ଼ ପରିଚୟ ହୋଇ ରହିଛି । ଏହି ପରିଚୟକୁ ଆହୁରି ଗୌରବମୟ କରିଛନ୍ତି ରାଜ୍ୟ ସରକାର । ରାଜ୍ୟରେ ଆଗେଇ ଚାଲିଛି ରୂପାନ୍ତରଣ ପର୍ବ । ଏହି ପରିପ୍ରେକ୍ଷୀରେ '୫-ଟି' ଉପକ୍ରମରେ କଟକରେ ନିର୍ମାଣ ହୋଇଛି କଟକ ନେତାଜୀ ବସ୍ ଟର୍ମିନାଲ୍ (ସିଏନ୍‌ବିଟି) । ଯାତ୍ରୀଙ୍କ ନିମନ୍ତେ ଅତ୍ୟାଧୁନିକ ବ୍ୟବସ୍ଥା ସବୁ ଖଞ୍ଜି ଦେଇ ବସ୍ ସେବାକୁ ଆହୁରି ଲୋକାଭିମୁଖୀ କରାଯାଇଛି ।

କୁମାରଶ୍ରୀ ସାହୁ, କଟକ

ଫଟୋ: ବିକାଶ ଶର୍ମା











୯୦ କୋଟି ଟଙ୍କା ବ୍ୟୟରେ ନିର୍ମିତ କଟକ ନେତାଜୀ ବସ୍ ଟର୍ମିନାଲ୍‌ରେ ଏକାସାଙ୍ଗରେ ୧୯୨ଟି ବସ୍ ରହିବା ପାଇଁ ବ୍ୟବସ୍ଥା ହୋଇଛି । ସେଥିମଧ୍ୟରୁ ୪୦ଟି ଅନ୍ତଃଜିଲ୍ଲା ବସ୍ ଥିବାବେଳେ ୯୦ଟି ନିୟମିତ ବସ୍, ୧୨ଟି ମୋ ବସ୍, ୨୦ଟି ସିଟି ବସ୍, ୧୫ଟି ଘରୋଇ ବସ୍ ଓ ୨ଟି ଜରୁରିକାଳୀନ ବସ୍ ଅନ୍ତର୍ଭୁକ୍ତ । ଯାତ୍ରୀମାନଙ୍କ ପାଇଁ ପ୍ରତୀକ୍ଷାଳୟ, ପୁରୁଷ ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଟିକେଟ୍ କାଉଣ୍ଟର ସହିତ ସମସ୍ତ ଅତ୍ୟାଧୁନିକ ସୁବିଧା ଉପଲବ୍ଧ କରାଯାଇ ଟର୍ମିନାଲ ଭିତରେ ଯାତ୍ରୀମାନଙ୍କ ପାଇଁ ବିମାନ ବନ୍ଦର ଭଳି ସୁବିଧା କରାଯାଇଛି । ଏଠାରେ ନିର୍ମିତ ଆହାର କେନ୍ଦ୍ର ଓଡ଼ିଶାର ସର୍ବବୃହତ୍ ଆହାର କେନ୍ଦ୍ର । ଏଥିସହିତ ଏଠାରେ ମିଶନ ଶକ୍ତି କାଫେ ମଧ୍ୟ ଖୋଲିଛି । କେବଳ ଯାତାୟାତର ସୁବିଧା ନୁହେଁ, ଟର୍ମିନାଲ ଭିତରେ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ବ୍ୟବସ୍ଥା ରହିଛି । ଏପରିକି ଟର୍ମିନାଲର ମୁଖ୍ୟ ପ୍ରବେଶ ପଥରେ ରହିଛି ଆଇଟିପି-ପିଙ୍କ କ୍ଲିନିକ୍ । ଡାହାଣ ପାର୍ଶ୍ୱରେ ରହିଥିବା ଏହି ପ୍ରକୋଷ୍ଠରେ ଯାତ୍ରୀମାନଙ୍କୁ ଜରୁରିକାଳୀନ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି । ତେବେ ଏହି କ୍ଲିନିକ୍‌ର ବିଶେଷତ୍ୱ ହେଉଛି, ଏଠାରେ ନିଃଶୁଳ୍କରେ ସ୍ତନକର୍କଟ ପରୀକ୍ଷା କରାଯାଉଛି । ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ୟୁଏମ) ଦ୍ୱାରା ଏହା ପରିଚାଳିତ ହେଉଛି । ଏଠାରେ ୭ ମିନିଟ୍ ଭିତରେ ସ୍ତନ କର୍କଟ ଚିହ୍ନଟ କରାଯାଇ ପାରୁଛି ।

## ବ୍ୟବସ୍ଥା ସବୁ 'ଅବିଶ୍ୱସନୀୟ'

କାଠଯୋଡ଼ି ନଦୀକୁ ମୁହଁକରି ୧୬ ଏକର ୯୫୭ ଡେସିମିଲ ପରିମିତ ଜାଗାରେ ଛିଡ଼ା ହୋଇଛି କଟକ ନେତାଜୀ ବସ୍ ଟର୍ମିନାଲ । ନଦୀ ପଠାରୁ ଟର୍ମିନାଲ ଯେତିକି ସୁନ୍ଦର ଦିଶୁଛି, ଭିତରର ବ୍ୟବସ୍ଥା ସବୁ ମଧ୍ୟ ସେତିକି ଆକର୍ଷଣୀୟ । ଯାତ୍ରୀମାନେ ଓଡ଼ିଶାରେ ଏଭଳି ଏକ ବସ୍‌ଷ୍ଟାଣ୍ଡ ପୂର୍ବରୁ କେବେ ଦେଖିନଥିଲେ । ବ୍ୟବସ୍ଥିତ ଢଙ୍ଗରେ ହୋଇଛି ସମସ୍ତ ବ୍ୟବସ୍ଥା । ଟର୍ମିନାଲ ଭିତରେ ରହିଛି ୨ଟି ଡର୍ମିଟୋରୀ । ଯେଉଁଠାରେ ଯାତ୍ରୀମାନେ ବିଶ୍ରାମ ନେଉଛନ୍ତି । ପାନୀୟଜଳର ଆଉ ସମସ୍ୟା ନାହିଁ । ୨୨ଟି ପାନୀୟ ଜଳ ୟୁନିଟ୍ ସ୍ଥାପିତ ହୋଇଛି । ଶୌଚାଳୟ ସଂଖ୍ୟା ଏଠାରେ ଶହେ ପାର୍ କରିଛି । ଯାତ୍ରୀଙ୍କ ନିମନ୍ତେ ୧୨୨ଟି ଶୌଚାଳୟ ଉପଲବ୍ଧ କରାଯାଇଛି । ବସିବା ପାଇଁ ଚେୟାର ପଡ଼ିଛି ୧୬୯୫ ଖଣ୍ଡ । ଏପରିକି ଶିଶୁକୁ ସ୍ତନ୍ୟପାନ କରାଇବା ପାଇଁ ଏଠାରେ ତିଆରି ହୋଇଛି ସ୍ୱତନ୍ତ୍ର ପ୍ରକୋଷ୍ଠ । ଆହାର କେନ୍ଦ୍ର ଭିତରେ ଦୁଇଟି ଫିଡିଂ ରୁମ୍ ମଧ୍ୟ ନିର୍ମାଣ କରାଯାଇଛି । ତା'ସହ ୩ଟି ମାଷ୍ଟର୍ ଡିସ୍‌ପ୍ଲେ ଲାଗିଛି । ବସ୍‌ର ଯାତାୟାତ ସମୟ ଯେଉଁଠାରେ ପ୍ରତିକ୍ଷଣ ଯାତ୍ରୀମାନେ ପାଇପାରିବେ । ବିଦ୍ୟୁତ ବିଭ୍ରାଟର ସମସ୍ୟା ମଧ୍ୟ ଟର୍ମିନାଲରେ ଦେଖିବାକୁ ମିଳିବ ନାହିଁ । ବିଦ୍ୟୁତ ସେବାର ବିକଳ୍ପ ଭାବେ ୪୦ କିଲୋୱାଟର ସୋଲାର୍ ପ୍ୟାନେଲ୍ ଏଠାରେ ଉପଲବ୍ଧ ରହିଛି । ଏସବୁ ବ୍ୟତୀତ ସୁରକ୍ଷା ବ୍ୟବସ୍ଥା ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି । ଟର୍ମିନାଲ ଭିତରେ ଖଞ୍ଜା ଯାଇଛି ୧୧୩ଟି ସିସି କ୍ୟାମେରା । ବସ୍ ଯାତ୍ରୀଙ୍କ ନିମନ୍ତେ ଏସବୁ ବ୍ୟବସ୍ଥା ନିହାତି ଭାବେ ଅବିଶ୍ୱସନୀୟ ।






## ଯାତ୍ରୀମାନେ ଦୟାକରି ଧ୍ୟାନ ଦିଅନ୍ତୁ

ଯାତ୍ରୀମାନେ ଦୟାକରି ଧ୍ୟାନ ଦିଅନ୍ତୁ । ଗାଡ଼ି ସଂଖ୍ୟା ଓଡି-୦୫- ୩୩୩୩ ଏବେ ପ୍ଲାଟଫର୍ମ ନମ୍ବର ୫୭ରେ ଆସୁଅଛି । ଏଭଳି ଶୁଣିବାକୁ ମିଳୁଛି କଟକ ନେତାଜୀ ବସ୍ ଟର୍ମିନାଲ ପରିସରରେ । ଯାତ୍ରୀମାନଙ୍କୁ ସୂଚନା ଦେବା ଉଦ୍ଦେଶ୍ୟରେ ଏଭଳି ବ୍ୟବସ୍ଥା ଗ୍ରହଣ କରାଯାଇଛି । ଟର୍ମିନାଲ ପରିସରରେ ମିଳୁଛି ରେଳ ଷ୍ଟେସନର ଅନୁଭୂତି । ୮ଟି ବସ୍ ବେ'ରେ ଟର୍ମିନାଲରେ ୯୨ଟି ପ୍ଲାଟଫର୍ମ ରହିଛି । ଯାତ୍ରୀମାନେ ଏହି ପ୍ଲାଟଫର୍ମରେ ବସି କେତେବେଳେ କେଉଁ ବସ୍ ଆସୁଛି ଓ କେଉଁ ବସ୍ କେତେବେଳେ ଟର୍ମିନାଲ ଛାଡ଼ିବ ସେ ବାବଦରେ ସୂଚନା ପାଇପାରୁଛନ୍ତି ।



# ସମ୍ପର୍କର ନୂଆସେତୁ

**ଅନୀଲ କୁମାର ପଣ୍ଡା, ନୟାଗଡ଼**

## ସୁଗମ ଯାତାୟାତ

ନୟାଗଡ଼ ଜିଲ୍ଲାରେ ଗମନଗମନ ପାଇଁ ରାଜ୍ୟ ସରକାର ଫେବୃୟାରୀ ୧୬ ତାରିଖରେ ଲକ୍ଷ୍ମୀ ବସ୍ ସେବା ଶୁଭାରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଏବଂ ୫ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପୃଷ୍ଠପୋଷକତାରେ ଶୁଭାରମ୍ଭ ହୋଇଥିବା ଏହି ବସ୍ ସେବା ଦ୍ୱାରା ଗ୍ରାମାଞ୍ଚଳରୁ ବ୍ଲକ୍ ମୁଖ୍ୟ କାର୍ଯ୍ୟାଳୟକୁ ଯାତାୟାତ ସୁବିଧାଜନକ ହୋଇଛି । ନୟାଗଡ଼ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୧୭ଟି ବସ୍ ଚଳାଚଳ କରୁଥିବାବେଳେ ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ୍‌ର ଉପାନ୍ତ ଅଞ୍ଚଳ ଭାବେ ପରିଚିତ ଛାମୁଣ୍ଡିଆ, ବଡ଼ଶିଲିଙ୍ଗା ପଞ୍ଚାୟତ, ଦଶପଲ୍ଲା ବ୍ଲକ୍‌ର ଚଢ଼େୟାପଲ୍ଲୀ, କଳସାଖମଣ ଭଳି ଉପାନ୍ତ ଅଞ୍ଚଳକୁ ଗମନାଗମନ ସୁବିଧାଜନକ ହୋଇଛି । ସେହିଭଳି ରଣପୁର ବ୍ଲକ୍ ବନ୍ଧମୁଣ୍ଡା ପଞ୍ଚାୟତକୁ ମଧ୍ୟ ଯାତାୟାତ ସୁବିଧା ମିଳିଛି ।

**୧୯୪ଟି ପଞ୍ଚାୟତକୁ ସେବା ଯୋଗାଇବା ଲକ୍ଷ୍ୟ**

ନୟାଗଡ଼ ଜିଲ୍ଲାର ୮ଟି ବ୍ଲକ୍‌ର ୧୯୪ଟି ପଞ୍ଚାୟତକୁ ଏହି ବସ୍ ସେବା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି । ବ୍ଲକ୍ ମୁଖ୍ୟାଳୟରୁ ଜିଲ୍ଲା ସଦର ମହକୁମାକୁ ଲକ୍ଷ୍ମୀବସ୍ ସେବା ଆରମ୍ଭ ହେବା ପରେ ଜିଲ୍ଲାରେ ଚଳାଚଳ କରୁଥିବା ଘରୋଇ ବସ୍ ମାଲିକଙ୍କ ଶୋଷଣରୁ ଲୋକେ ମୁକ୍ତି ପାଇବା ସହ ସାଧାରଣ ଲୋକଙ୍କ ପାଇଁ ଲାଭଦାୟକ ହେବ ନିଶ୍ଚିତ ।





**ରୂପାନ୍ତରିତ ଓଡ଼ିଶା ତଥା ନବୀନ ଓଡ଼ିଶାର ପରିକଳ୍ପନାରେ ଏକ ସ୍ୱତନ୍ତ୍ର ପୃଷ୍ଠା ଭାବେ ଉଭା ହୋଇଛି ପରିବହନ ସେବା । ରାଜ୍ୟ ସରକାରଙ୍କ ଦୂରଦର୍ଶୀ ଚିନ୍ତାଧାରା ଯୋଗୁଁ ହିଁ ଏହା ସମ୍ଭବ ହୋଇଛି । ଗାଁ ଗହଳିରୁ ସହରକୁ ଯାତାୟାତ ପାଇଁ କରାଯାଇଥିବା ବ୍ୟବସ୍ଥା ଅନେକ ଉପାନ୍ତ ଅଞ୍ଚଳବାସୀଙ୍କ ପାଇଁ ବହୁ ଲାଭଦାୟକ ହୋଇଛି । ଜିଲ୍ଲାର ଅନେକ ସ୍ଥାନକୁ ବେସରକାରୀ ବସ୍ ସୁବିଧା ନ ଥିବାବେଳେ ଗମନାଗମନ ପାଇଁ ଉକ୍ତ ଅଞ୍ଚଳବାସୀ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଥିଲେ । ଯାହାକୁ ନେଇ ସରକାରଙ୍କ ଲକ୍ଷ୍ମୀ ବସ୍ ଯୋଜନା ଜନପ୍ରିୟ ହୋଇ ପାରିଥିବା ବେଳେ ଏହାକୁ ଅଧିକ ଆକର୍ଷଣୀୟ କରିଛି ପ୍ରତି ବ୍ଲକ୍ ହେଡ୍ କ୍ୱାର୍ଟରରେ ନିର୍ମାଣ କରାଯାଉଥିବା ବସ୍‌ଷ୍ଟାଣ୍ଡ । ନୟାଗଡ଼ ଜିଲ୍ଲାରେ ହୋଇଥିବା ଅତ୍ୟାଧୁନିକ ବସ୍ ଷ୍ଟାଣ୍ଡକୁ ନେଇ ପ୍ରସ୍ତୁତ ଏହି ସ୍ୱତନ୍ତ୍ର ରିପୋର୍ଟ ।**




## ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ

ବସ୍ ସେବାକୁ ଆହୁରି ଆକର୍ଷଣୀୟ କରିଛି ନୂତନ ଭାବେ ନିର୍ମିତ ବସ୍‌ଷ୍ଟାଣ୍ଡ ଏବଂ ରୂପାନ୍ତରିତ ବସ୍‌ଷ୍ଟପ୍ । ନୟାଗଡ଼ ଜିଲ୍ଲା ସଦରମହକୁମାରେ ୪ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଦୁଇ ବର୍ଷ ତଳୁ ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇଥିବାବେଳେ ଗଣିଆ, ଖଣ୍ଡପଡ଼ା ଓ ରଣପୁରରେ ଅତ୍ୟାଧୁନିକ ବ୍ୟବସ୍ଥା ସହ ବସଷ୍ଟାଣ୍ଡ ନିର୍ମାଣ କରାଯାଇଛି । ନିର୍ମାଣ କରାଯାଇଥିବା ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କ ସୁବିଧା ପାଇଁ ସବୁ ପ୍ରକାର ବ୍ୟବସ୍ଥା ଆପଣା ଯାଇଛି । ଶୌଚାଳୟଠାରୁ ଆରମ୍ଭ କରି ଯାତ୍ରୀ ବିଶ୍ରାମାଗାରର ବ୍ୟବସ୍ଥା ହୋଇଛି । ଓଡ଼ଗାଁରେ ସମେତ ଅନ୍ୟ ବ୍ଲକ୍‌ରେ ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବାକୁ ବ୍ୟବସ୍ଥା କରାଯାଇଛି । ନୟାଗଡ଼ ଜିଲ୍ଲାରେ ୨୯୭ଟି ଷ୍ଟପେଜ୍ ନିର୍ମାଣ କରିବାକୁ ମଧ୍ୟ ଯୋଜନା ପ୍ରସ୍ତୁତ ହୋଇଛି । ପୂର୍ବରୁ ଜିଲ୍ଲାରେ ରହିଥିବା ୭୪ ବସ୍‌ଷ୍ଟପ୍‌କୁ ପ୍ରାଥମିକ ପର୍ଯ୍ୟାୟରେ ଗୁରୁତ୍ୱ ଦିଆଯାଇଛି । ସେଥିମଧ୍ୟରୁ ୫୭ଟି ଷ୍ଟପେଜ୍ ମରାମତି କାର୍ଯ୍ୟ ସରିଛି । ବଳକା ୨୨୩ଟି ନୂତନ ବସ୍‌ଷ୍ଟପ୍ ନିର୍ମାଣ କରାଯିବ ସୂଚନା ମିଳିଛି । ତାହା ମଧ୍ୟରୁ ୯୫ଟିର କାର୍ଯ୍ୟ ଆରମ୍ଭ ହୋଇ ସାରିଛି । ଚକାଚକ ରାସ୍ତା କଡ଼ରେ ନିର୍ମାଣ କରାଯାଉଥିବା ବସ୍‌ଷ୍ଟପ୍‌ଗୁଡ଼ିକ ବିକଶିତ ଓଡ଼ିଶାର ପରିଚୟ ସୃଷ୍ଟି କରୁଛି ।




### 'ମୁଖ୍ୟମନ୍ତ୍ରୀଙ୍କ ଐତିହାସିକ ପଦକ୍ଷପ'



ଲକ୍ଷ୍ମୀ ବସ୍ ସେବା ଗ୍ରାମାଞ୍ଚଳରୁ ବ୍ଲକ୍ ମୁଖ୍ୟାଳୟକୁ ଯୋଗାଯୋଗ କରିବା ଦ୍ୱାରା ଗରିବ, ଖଟିଖିଆଙ୍କ ପାଇଁ ସୁବିଧାଦାୟକ ହୋଇଛି । ୫ ଟଙ୍କା ବିନିମୟରେ ଯାତାୟାତ ଦ୍ୱାରା ସେମାନେ ଲାଭବାନ ହୋଇପାରୁଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଏହା ଏକ ଐତିହାସିକ ପଦକ୍ଷପ ।

**ଶ୍ରୀକାନ୍ତ ପଟ୍ଟନାୟକ**, ଶ୍ରମିକ ନେତା

### 'ଗମନାଗମନ ସହଜ ହୋଇଛି'



ଲକ୍ଷ୍ମୀ ବସ୍ ଯାତାୟାତ ହେବା ଦ୍ୱାରା ଆମ ଅଞ୍ଚଳର ସାଧାରଣ ଲୋକଙ୍କ ଗମନାଗମନ ସହଜ ହୋଇଛି । ମୁଖ୍ୟତଃ ଖଣ୍ଡପଡ଼ା ବ୍ଲକ୍‌କୁ ବିଭିନ୍ନ କାର୍ଯ୍ୟ ପାଇଁ ଯିବାରେ ସହାୟକ ହୋଇଛି । ବସ୍‌ଷ୍ଟାଣ୍ଡ ନିର୍ମାଣ ଓ ଲକ୍ଷ୍ମୀ ବସ୍ ସେବା ପାଇଁ ମୁଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଉଛି ।.

**ବିଶ୍ୱଜିତ ମହାରଣା**, ମଧୁପୁର

# ଦୁର୍ଗମ ଅଞ୍ଚଳରେ ଝଲସୁଛି
# 'ଆମ ବସ୍‌ଷ୍ଟାଣ୍ଡ'







**ରାଜ୍ୟ ସରକାର ଗ୍ରାମାଞ୍ଚଳରୁ ସହରକୁ ବସ୍ ଚଳାଚଳ ପାଇଁ ଲକ୍ଷ୍ୟରଖି ସାଧାରଣ ପରିବହନ କ୍ଷେତ୍ରରେ ରୂପାନ୍ତରଣ ଆଣିଛନ୍ତି । ବିଶେଷକରି ଗଜପତି ଜିଲ୍ଲା ପରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପରିବହନ, ଗମନାଗମନ କ୍ଷେତ୍ରକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ବ୍ଲକ୍‌ସ୍ତରରେ 'ଆମ ବସ୍‌ଷ୍ଟାଣ୍ଡ' ହାତକୁ ନେଇ ୫-ଟି ଉପକ୍ରମରେ ନିର୍ମାଣ କରିଛନ୍ତି । ଯାହାକି ଯାତ୍ରୀବାହୀ ବସ୍‌ଗୁଡ଼ିକକୁ ରହଣି ଓ ଯାତ୍ରୀଙ୍କ ବିଶ୍ରାମ ନେବାରେ ସହାୟକ ହେଉଛି । ଖରା, ଶୀତ ଓ ବର୍ଷା ଦାଉରୁ ଯାତ୍ରୀମାନେ ଆଶ୍ୱସ୍ତି ପାଉଥିବା ବେଳେ ଗ୍ରାମାଞ୍ଚଳରେ ଟ୍ରାଫିକ୍ ସମସ୍ୟା ସୁଧୁରିବାରେ ଲାଗିଛି । ଜିଲ୍ଲାର ଗୁମ୍ମା, ନୂଆଗଡ଼ ଓ ରା.ଉଦୟଗିରିଠାରେ 'ଆମ ବସ୍‌ଷ୍ଟାଣ୍ଡ' ମହତ୍ତ୍ୱପୂର୍ଣ୍ଣ ପରିଯୋଜନାରେ ଆଧୁନିକ ଶୈଳୀରେ ନିର୍ମିତ ହୋଇଛି । ଗୁମ୍ମାଠାରେ ୧ କୋଟି ୨୫ ଲକ୍ଷ ଟଙ୍କା ଏବଂ ନୂଆଗଡ଼ଠାରେ ୪ କୋଟି ୩୧ ଲକ୍ଷ ଟଙ୍କା ବ୍ୟୟବରାଦରେ ଏହା ନିର୍ମିତ ହୋଇଛି । ଏପରି ଉପାନ୍ତ ଅଞ୍ଚଳରେ କେବେ ବସ୍‌ଷ୍ଟାଣ୍ଡଟିଏ ହୋଇଥାନ୍ତା ତା'ର ଉତ୍ତର କାହାରି ନିକଟରେ ନଥିଲା । ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର ତଥା ଲୋକାଭିମୁଖୀ କାର୍ଯ୍ୟକ୍ରମ ଯୋଗୁଁ ଏଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଆଜି ଯାତ୍ରୀଙ୍କ ସୁବିଧା ତଥା ଗମନାଗମନ ଲାଗି ସମସ୍ତ ବନ୍ଦୋବସ୍ତ କରାଯାଇଛି । ଆଗାମୀ ଦିନରେ ଅନ୍ୟାନ୍ୟ ସ୍ଥାନରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବାର କାର୍ଯ୍ୟକ୍ରମ ରହିଥିବାର ଜଣାଯାଇଛି ।**

ରଶ୍ମିରଞ୍ଜନ ମିଶ୍ର, ଗଜପତି, ଋଷିକେଷ ଦଳାଇ, ଗୁମ୍ମା, ମନୋହର ପରିଚ୍ଛା, ନୂଆଗଡ଼, ଓ ନାରାୟଣ ପାଇକ, ରା.ଉଦୟଗିରି

## ବିକାଶଧାରାରେ ସାମିଲ

ପ୍ରାୟ ୭୫ ହଜାର ଜନସଂଖ୍ୟା ବିଶିଷ୍ଟ ଗୁମ୍ମା ବ୍ଲକ୍। ଏହି ବ୍ଲକରେ ୨୦ ଗୋଟି ପଞ୍ଚାୟତ ରହିଛି । ତିନିରୁ ଚାରି ଗୋଟି ପଞ୍ଚାୟତକୁ ଛାଡ଼ିଦେଲେ ଅବଶିଷ୍ଟ ପଞ୍ଚାୟତ ତଥା ଗ୍ରାମାଞ୍ଚଳ ଦୁର୍ଗମ ପାହାଡ଼ ଜଙ୍ଗଲ ଘେରାରେ ରହିଛି। ବ୍ଲକ୍ ସଦର ମହକୁମା ଗୁମ୍ମା ଏବଂ ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଉପରେ ଏହି ବ୍ଲକ୍‌ର ଜନସାଧାରଣ ମୁଖ୍ୟତଃ ଜୀବିକାଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଉପରେ ନିର୍ଭର କରିଥାନ୍ତି। ଏପରି ଜଙ୍ଗଲ ପାହାଡ଼ ଘେରାରେ ଅବସ୍ଥିତ ଗୁମ୍ମା ବ୍ଲକ୍ ଗ୍ରାମାଞ୍ଚଳର ଜନସାଧାରଣ ଗମନାଗମନ ପାଇଁ ମୁଖ୍ୟତଃ ଗୁମ୍ମା ବ୍ଲକ୍ ସଦର ମହକୁମା ଯାତାୟାତ କରିଥାନ୍ତି । ସେହିପରି ନୂଆଗଡ଼ ବ୍ଲକ୍ ମଧ୍ୟ ୧୯ ଗୋଟି ପଞ୍ଚାୟତକୁ ନେଇ ଦୁର୍ଗମାଞ୍ଚଳରେ ରହିଛି। ୬୨ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ନୂଆଗଡ଼ କିମ୍ବା ୬୦ କି.ମିରୁ ଊର୍ଦ୍ଧ୍ୱ ଦୂରତାରେ ଥିବା ଜିଲ୍ଲା ସଦରମହକୁମା କିମ୍ବା ପଡ଼ୋଶୀ ରା.ଉଦୟଗିରି ବ୍ଲକ୍ ସଦରମହକୁମା ଉପରେ ନିର୍ଭର କରିଥାନ୍ତି । ଏହି ବ୍ଲକର କେତେକ ଗ୍ରାମାଞ୍ଚଳ ଆଜି ବି ଅପହଞ୍ଚ ହୋଇ ରହିଯାଇଥିଲା । ତେବେ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ଯୋଗୁଁ ବିକାଶଧାରାରେ ସାମିଲ ହୋଇପାରିଛି ଏହି ସବୁ ଅଞ୍ଚଳ। ଏଠାରେ ବସ୍‌ଷ୍ଟାଣ୍ଡର ପରିକଳ୍ପନା ବାସ୍ତବରେ ଏକ ସୁବିଚାର ଅଟେ । ଦୁର୍ଗମାଞ୍ଚଳ ହୋଇଥିବା ଯୋଗୁଁ ଆଜି ବି ଯାତାୟାତ ପାଇଁ ଯାତ୍ରୀବାହୀ ଗାଡ଼ି ନଗଣ୍ୟ ଅଟେ। ଏଠାରେ ଯାତ୍ରୀମାନେ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ଯାତ୍ରୀବାହୀ ଯାନବାହନକୁ ଘଣ୍ଟା ଘଣ୍ଟା ଧରି ଖରା, ବର୍ଷା ଓ ଶୀତ କାକରରେ ଅପେକ୍ଷା କରୁଥିଲେ । ହେଲେ ବସ୍‌ଷ୍ଟାଣ୍ଡ ନିର୍ମାଣ ଯୋଗୁଁ ଯାତ୍ରୀମାନଙ୍କ ଯାତାୟାତରେ ସୁବିଧା ହୋଇଛି ।

## ରା. ଉଦୟଗିରିରେ ଆକର୍ଷଣୀୟ ବସ୍‌ଷ୍ଟାଣ୍ଡ

ଗଜପତି ଜିଲ୍ଲାର ଏକ ପ୍ରମୁଖ ସ୍ଥାନ ରା.ଉଦୟଗିରି ବ୍ଲକ୍ ସଦର ମହକୁମା । ଏହି ବ୍ଲକ୍‌ର ଜନସଂଖ୍ୟା ୯୫ ହଜାରରୁ ଊର୍ଦ୍ଧ୍ୱ ରହିଛି । ୧୭ ଗୋଟି ପଞ୍ଚାୟତବାସୀ ରା.ଉଦୟଗିରି ବ୍ଲକ୍ ଉପରେ ନିର୍ଭର କରିଥାନ୍ତି । ଉଚ୍ଚ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଆଦି ପାଇଁ ଜିଲ୍ଲା ସଦର ମହକୁମା ଉପରେ ନିର୍ଭର କରିଥାନ୍ତି । ଯାତାୟତ କରିବା ପାଇଁ ଯାତ୍ରୀମାନେ ରା.ଉଦୟଗିରିରେ ଅପେକ୍ଷା କରୁଥିଲେ । ଜିଲ୍ଲାର ଏପରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବସ୍‌ଷ୍ଟାଣ୍ଡ ନିର୍ମାଣ ଦ୍ୱାରା ଯାତ୍ରୀମାନେ ବେଶ୍ ଉପକୃତ ହେଉଛନ୍ତି । ଏହି ନବନିର୍ମିତ ବସ୍‌ଷ୍ଟାଣ୍ଡଗୁଡ଼ିକରେ ଅତ୍ୟାଧୁନିକ ଯନ୍ତ୍ରପାତି ଏବଂ ଉନ୍ନତମାନର ଶୌଚାଳୟ, ଯାତ୍ରୀ ବିଶ୍ରାମ ଗୃହ, ବସ ରହିବା ପାଇଁ ପୋଟିକୋ ଓ ଆକର୍ଷଣୀୟ ଆଲୋକୀକରଣ ବ୍ୟବସ୍ଥା ରହିଛି । ସେହିପରି ବସ୍‌ଷ୍ଟାଣ୍ଡଗୁଡ଼ିକକୁ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ଚାରି ପାର୍ଶ୍ୱରେ ସୁନ୍ଦର ଫୁଲଗଛ, ବିଭିନ୍ନ ସାଜସଜ୍ଜା କରାଯାଇଛି । ସହରାଞ୍ଚଳ ବସ୍‌ଷ୍ଟାଣ୍ଡ ଭଳି ଉପାନ୍ତ ଦୁର୍ଗମ ଗ୍ରାମାଞ୍ଚଳରେ ବସ୍‌ଷ୍ଟାଣ୍ଡ ନିର୍ମିତ ହୋଇ ଝଲସୁଛି । ଉପାନ୍ତ ଅଞ୍ଚଳରେ ଉତ୍ତମ ବସ୍ ସେବା ସହ ଯାତ୍ରୀମାନଙ୍କ ଲାଗି ସମସ୍ତ ସୁବିଧା ଉପଲବ୍ଧ କରାଯାଉଥିବାରୁ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନକୁ ପ୍ରଶଂସା କରାଯାଉଛି ।







### 'ଆଦିବାସୀ ଅଞ୍ଚଳକୁ ବସ୍ ଗଡ଼ିଥିବାରୁ ଆମେ ବେଶ୍ ଖୁସି'

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରାଜ୍ୟ ସରକାର ଗମନାଗମନ ତଥା ଯାତ୍ରୀଙ୍କ ସୁବିଧା ଲାଗି ବିଭିନ୍ନ ପଦକ୍ଷେପ ନେଇଛନ୍ତି । ଏପରି ସୁବିଧା କେବେ ପାଇବୁ ବୋଲି ଭାବି ନ ଥିଲୁ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ରାଜ୍ୟ ସରକାରଙ୍କ ଉଚ୍ଚ ବିଚାରଧାରା ଯୋଗୁଁ ଏପରି ଅଞ୍ଚଳରେ, ସହରାଞ୍ଚଳରେ ଥିବା ବସ୍‌ଷ୍ଟାଣ୍ଡ ଭଳି ସୁବିଧା ମିଳି ପାରିଛି । ମୁଖ୍ୟମନ୍ତ୍ରୀଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଉଛି ।

**ଦେବରତ୍ନ ଦେଶୀ ନାୟକ**, ନୂଆଗଡ଼ ବାସିନ୍ଦା



### 'ବସ୍‌ଷ୍ଟାଣ୍ଡ ଆମ ଅପେକ୍ଷାର ଅନ୍ତ ଘଟାଇଛି'

ନୂଆଗଡ଼ ପରି ପଛୁଆ ଅଞ୍ଚଳରେ ଆଧୁନିକ ଶୈଳୀର ବସ୍‌ଷ୍ଟାଣ୍ଡ ନିର୍ମାଣ ଆମେ କେବେ ବି ଭାବି ନଥିଲୁ । ହେଲେ ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ ଯୋଗୁଁ ପଛୁଆ ଅଞ୍ଚଳରେ ମଧ୍ୟ ଝଲସୁଛି ନବନିର୍ମିତ ବସ୍‌ଷ୍ଟାଣ୍ଡ । ପୂର୍ବରୁ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ରାସ୍ତା କଡ଼ରେ ଅପେକ୍ଷା କରୁଥିଲେ ଯାତ୍ରୀବାହୀ ଗାଡ଼ି ପାଇଁ । ହେଲେ ଏବେ ବସ୍‌ଷ୍ଟାଣ୍ଡଟିଏ ନିର୍ମାଣ ହୋଇଥିବାରୁ ସବୁ ଅପେକ୍ଷାର ଅନ୍ତ ଘଟିଛି । ବିଶ୍ରାମାଗାରଠାରୁ ଆରମ୍ଭ କରି ଶୌଚାଳୟ, ଗାର୍ଡେନ୍ ଆଦି ରହିଛି । ଯାହାକି ବସ୍‌ଷ୍ଟାଣ୍ଡଟି ଅତି ଆକର୍ଷଣୀୟ ଦେଖା ଦେଉଛି ।

**ରବି ସୁବୁଦ୍ଧି**, ସମାଜସେବୀ



### 'ପରିବହନ କ୍ଷେତ୍ରରେ ନୂଆ ଆଶା ସଂଚାର'

ବସ୍ ସେବା ଦ୍ୱାରା ନୂଆଗଡ଼ ବାସିନ୍ଦାଙ୍କୁ ସ୍ଥାନୀୟ ବେପାରରେ ସୁବିଧା ହୋଇପାରିଛି । ମୁଖ୍ୟତଃ ଛାତ୍ରଛାତ୍ରୀମାନେ ପାଠପଢ଼ା ନିମନ୍ତେ ସ୍ୱଳ୍ପ ଟଙ୍କାରେ ଯାତାୟାତ କରି ପାରୁଛନ୍ତି । ମହିଳାମାନଙ୍କୁ ବି ସୁବିଧା ମିଳିଛି । ପଞ୍ଚାୟତଠାରୁ ବ୍ଲକ୍ ଓ ଜିଲ୍ଲା ପରିବହନ କ୍ଷେତ୍ରରେ ଏହା ନୂଆ ଆଶା ସଂଚାର କରିଛି । ■

**ପୀତମଣି ରଇତ**, ଗୁମ୍ମା ସରପଞ୍ଚ

## ସହରର ଚେହେରା ବଦଳାଇଲା ବସ୍ ଟର୍ମିନାଲ

ବଲାଙ୍ଗିର ସହରକୁ ଚେସ୍‌ବୋର୍ଡର ସହର କୁହାଯାଏ। ରାଜରାଜୁଡ଼ା ଅମଳରୁ ହିଁ ଚେସ୍‌ବୋର୍ଡ ଭଳି ସହରର ନିର୍ମାଣ ଯୋଗୁଁ ଲୋକଙ୍କ ଯିବା ଆସିବା ସହଜ ଓ ବ୍ୟବସ୍ଥିତ ହୋଇପାରିଥିଲା। କିନ୍ତୁ ଲୋକସଂଖ୍ୟା ବଢ଼ିବା ସହ ସହରର ଟ୍ରାଫିକ୍ ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହୋଇଥିଲା। ଜନଗହଳିପୂର୍ଣ୍ଣ ଭାଗରଥୀ ଛକଠାରୁ ପାଟଣା ଛକ ମଧ୍ୟରେ ଉଭୟ ସରକାରୀ ଓ ଘରୋଇ ବସ୍‌ଷ୍ଟାଣ୍ଡ ରହିଥିଲା। ପରବର୍ତ୍ତୀ ସମୟରେ ଲୋକସଂଖ୍ୟା ସହ ବସ୍ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥିଲା। ବସ୍‌ଷ୍ଟାଣ୍ଡ ଭିତରକୁ ବସ୍ ପ୍ରବେଶ କରିବା ଓ ବାହାରିବା ଯୋଗୁଁ ସହରରେ ଟ୍ରାଫିକ୍ ଏକ ବଡ଼ ସମସ୍ୟା ସାଜିଥିବାବେଳେ ସହର ବାହାରେ ପରିବହନ କାର୍ଯ୍ୟାଳୟ ନିକଟରେ ଏକ ବସ୍ ଟର୍ମିନାଲ ନିର୍ମାଣ କରିବା ପାଇଁ ଦାବି ହୋଇଥିଲା। ଏହି କ୍ରମରେ ଓଡ଼ିଶା ରାଜ୍ୟ ପରିବହନ ନିଗମ ପକ୍ଷରୁ ଏକ ଅତ୍ୟାଧୁନିକ ବସ୍ ଟର୍ମିନାଲ ନିର୍ମାଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି ଯୋଜନା ଅନୁସାରେ ୭ ଏକର ଜମିରେ ଏହି ବସ୍ ଟର୍ମିନାଲ ନିର୍ମାଣ କରାଯାଇଛି। ଏଥିପାଇଁ ପ୍ରାୟ ୮ କୋଟି ୭୫ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ବଲାଙ୍ଗିର ଗସ୍ତରେ ଆସି ୨୦୨୧ ସେପ୍ଟେମ୍ବର ୨୨ ତାରିଖରେ ଉଦ୍‌ଘାଟନ କରିଥିଲେ। ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ ହେବା ପରେ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ସରକାରୀ ଓ ଘରୋଇ ବସ୍ ଏହି ଟର୍ମିନାଲରେ ରହୁଥିବା ଜଣାପଡ଼ିଛି। ଉଭୟ ପୁରୁଣା ଘରୋଇ ଓ ସରକାରୀ ବସ୍‌ଷ୍ଟାଣ୍ଡ ଉକ୍ତ ସ୍ଥାନକୁ ସ୍ଥାନାନ୍ତର ହୋଇଥିବାବେଳେ ସହର ଭିତରେ ଟ୍ରାଫିକ୍ ସମସ୍ୟା ଅନେକାଂଶରେ ଲାଘବ ହୋଇପାରିଛି। ଏହା ସହିତ ଲୋକେ ଏହି ବସ୍‌ଷ୍ଟାଣ୍ଡରୁ ଅନେକ ସୁବିଧା ପାଇପାରୁଛନ୍ତି। ବସ୍‌ଷ୍ଟାଣ୍ଡ ଭିତରେ ଯାତ୍ରୀମାନଙ୍କ ବିଶ୍ରାମ କରିବା ପାଇଁ ସ୍ୱତନ୍ତ୍ର ସ୍ଥାନ ରହିଛି। ସେହିପରି ବସ୍ ଟିକେଟ ପାଇଁ ପୃଥକ୍ ଟିକେଟ୍ କାଉଣ୍ଟର ରହିଛି। ବସ୍‌ଷ୍ଟାଣ୍ଡ ଭିତରେ ବିଭିନ୍ନ ସାମଗ୍ରୀ କିଣିବା ପାଇଁ ଦୋକାନ ରହିଥିବାବେଳେ ଯାତ୍ରୀମାନଙ୍କ ଖାଇବା ପାଇଁ ମିଶନ ଶକ୍ତି କାଫେ ମଧ୍ୟ ଖୋଲାଯାଇଛି। ବସ୍‌ଷ୍ଟାଣ୍ଡ ଭିତରେ ଯାତ୍ରୀମାନଙ୍କ ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିବା ଦେଖିବାକୁ ମିଳିଛି। ବସ୍‌ଷ୍ଟାଣ୍ଡ କୋଠା ଭିତରେ ପୁରୁଷ, ମହିଳା ଓ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟର ବ୍ୟବସ୍ଥା କରାଯାଇଥିବା ବେଳେ ଏହି ବସ୍ ଟର୍ମିନାଲ ସହରର ଚିତ୍ର ବଦଳାଇବାରେ ବେଶ୍ ସହାୟକ ହୋଇଛି। ପ୍ରତିଦିନ ଶହ ଶହ ଲୋକ ବଲାଙ୍ଗିରରୁ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ସୁବିଧାରେ ଯିବାଆସିବା କରୁଥିବା ବେଳେ ବସ୍ ଟର୍ମିନାଲରେ ଥିବା ସମସ୍ତ ସୁବିଧାକୁ ପ୍ରଶଂସା କରିଥାନ୍ତି।

# ଯାତାୟାତ ବ୍ୟବସ୍ଥାକୁ ସୁଦୃଢ଼ କରିଛି ବସ୍‌ଷ୍ଟାଣ୍ଡ



### ଲୋଇସିଂହା ବସ୍‌ଷ୍ଟାଣ୍ଡ

ରାଜ୍ୟ ସରକାର ଗାଁରୁ ସହରକୁ ଯୋଡ଼ିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ବହୁ ସଂଖ୍ୟାରେ ବସ୍ ଦୁର୍ଗମ ଗାଁରୁ ପଞ୍ଚାୟତ ଓ ମୁଖ୍ୟାଳୟକୁ ଲୋକଙ୍କୁ ପହଞ୍ଚାଉଛି। ଏହି ଯୋଜନା ଆରମ୍ଭ ପୂର୍ବରୁ ରାଜ୍ୟ ସରକାର ବିଭିନ୍ନ ବ୍ଲକ୍ ମୁଖ୍ୟାଳୟରେ ସ୍ୱତନ୍ତ୍ର ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ଯୋଜନା କରିଥିଲେ। ଏହିକ୍ରମରେ ଲୋଇସିଂହାଠାରେ ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଥିଲା। ୨୬ ନଂ ଜାତୀୟ ରାଜପଥକୁ ଲାଗି ଏହି ବସଷ୍ଟାଣ୍ଡ ନିର୍ମାଣ କରାଯାଇଥିଲା। ଏହାକୁ ୨୦୨୩ ଅଗଷ୍ଟ ୨୩ ତାରିଖରେ ପ୍ରଥମ ପର୍ଯ୍ୟାୟ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହି ବସ୍‌ଷ୍ଟାଣ୍ଡରେ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। ଯାତ୍ରୀମାନଙ୍କ ବିଶ୍ରାମ ପାଇଁ ବିଶ୍ରାମକକ୍ଷ, ଶୌଚାଳୟ ସହ ବିଶୁଦ୍ଧ ପାନୀୟ ଜଳର ମଧ୍ୟ ବ୍ୟବସ୍ଥା କରାଯାଇଛି। ସେହିପରି ବସ୍‌ଷ୍ଟାଣ୍ଡର ସୌନ୍ଦର୍ଯ୍ୟକରଣ କରାଯାଇଥିବା ବେଳେ ଦୋକାନ ପାଇଁ ଷ୍ଟଲ୍ ନିର୍ମାଣ କରାଯାଇଛି। ତାସହ ବସ୍ ରହିବା ପାଇଁ ଟର୍ମିନାଲ ନିର୍ମାଣ କରାଯାଇଛି। ଏହି ବସ୍‌ଷ୍ଟାଣ୍ଡରେ ବର୍ତ୍ତମାନ ସମୟରେ ଲକ୍ଷ୍ମୀ ବସ୍ ରହୁଛି। ଏହି ବସ୍‌ଷ୍ଟାଣ୍ଡରୁ ହିଁ ସକାଳୁ ଲକ୍ଷ୍ମୀ ବସ୍ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ସେହିପରି ଦୂରଯାତ୍ରା କରୁଥିବା ବସ୍‌ଗୁଡ଼ିକ ମଧ୍ୟ ଏଠାରେ ଅଟକି ବିଶ୍ରାମ ନେଇଥାନ୍ତି।

ରାଜ୍ୟ ସରକାରଙ୍କ ଫୋକସ୍‌ରେ ଗମନାଗମନର ସୁବ୍ୟବସ୍ଥା। ଗାଁ ଓ ସହରର ଟ୍ରାଫିକ୍ ବ୍ୟବସ୍ଥାର ସୁପରିଚାଳନା, ଲୋକଙ୍କ ସୁବିଧା ପାଇଁ ରାଜ୍ୟ ସରକାର କରୁଥିବା ଅନେକ ଯୋଜନା ଭିତରେ କିଛି ଯୁଗାନ୍ତକାରୀ ଯୋଜନା ହେଉଛି 'ଲକ୍ଷ୍ମୀ ବସ୍' ଯୋଜନା, 'ଆମ ବସଷ୍ଟାଣ୍ଡ' ନିର୍ମାଣ ଯୋଜନା। ଏହି ଯୋଜନାରେ ବଲାଙ୍ଗିର ଜିଲ୍ଲାର ଦୁଇ ବ୍ଲକ୍ ମୁଖ୍ୟାଳୟରେ ସୁଦୃଶ୍ୟ, ସୁବ୍ୟବସ୍ଥିତ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଛି। ଏହା ପୂର୍ବରୁ ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟରେ ଏକ ଅତ୍ୟାଧୁନିକ ବସ୍ ଟର୍ମିନାଲ ନିର୍ମାଣ କରାଯାଇଥିଲା। ଯାହାକି ଜିଲ୍ଲାର ଟ୍ରାଫିକ୍ ସମସ୍ୟାର ଦୂରୀକରଣ ସହ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଲୋକେ ସହଜରେ ଯିବାଆସିବା ପାଇଁ ବସ୍‌ଷ୍ଟାଣ୍ଡରେ ସମସ୍ତ ସୁବିଧା ପାଇପାରୁଛନ୍ତି। ସରକାରୀ ବସ୍ ହେଉ କି ଘରୋଇ ବସ୍ ଏହି ବସ୍‌ଷ୍ଟାଣ୍ଡଗୁଡ଼ିକରେ ବସ୍ ରହଣି ସହ ଯାତ୍ରୀମାନେ ମଧ୍ୟ ବିଶ୍ରାମ ନେଇପାରୁଛନ୍ତି। ଜିଲ୍ଲାର ଗମନାଗମନ ଉନ୍ନତିରେ ଏହି ବସ୍‌ଷ୍ଟାଣ୍ଡ ସହାୟକ ହୋଇପାରିଛି।

**ଅଭିଲାଷ ହୋତା**, ବଲାଙ୍ଗିର

### ବଙ୍ଗୋମୁଣ୍ଡା ବସ୍‌ଷ୍ଟାଣ୍ଡ

୨୦୨୩ ଅଗଷ୍ଟ ୨୩ ତାରିଖରେ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ବଙ୍ଗୋମୁଣ୍ଡା ବସଷ୍ଟାଣ୍ଡର ଉଦ୍‌ଘାଟନ କରିଥିଲେ। ବଙ୍ଗୋମୁଣ୍ଡାର ଏକ ମୁଖ୍ୟସ୍ଥାନରେ ଥିବା ଏହି ବସ୍‌ଷ୍ଟାଣ୍ଡ ସ୍ଥାନୀୟ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ସହାୟକ ହୋଇପାରିଛି। ବଙ୍ଗୋମୁଣ୍ଡା ଦେଇ ଯାତାୟାତ କରୁଥିବା ବସ୍‌ରେ ନିର୍ଭର କରୁଥିବା ଯାତ୍ରୀମାନେ ଏହି ବସ୍‌ଷ୍ଟାଣ୍ଡରୁ ଅନେକ ସୁବିଧା ପାଇପାରୁଛନ୍ତି। ଅନ୍ୟ ବସ୍‌ଷ୍ଟାଣ୍ଡ ଭଳି ସଫାସୁତୁରା ଶୌଚାଳୟ, ବିଶ୍ରାମଗୃହର ବ୍ୟବସ୍ଥା କରାଯାଇଛି। ସେହିପରି ପିଇବା ପାଣିର ସୁବିଧା ମଧ୍ୟ ରହିଛି। ବଙ୍ଗୋମୁଣ୍ଡା ଭଳି ଏକ ଅନୁନ୍ନତ ବ୍ଲକ୍ ମୁଖ୍ୟାଳୟରେ ରାଜ୍ୟ ସରକାରଙ୍କ ଉଦ୍ୟମକ୍ରମେ ଏଭଳି ଏକ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ନେଇ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି। ■











## ଦେଢ଼ ଲକ୍ଷ ଲୋକ ନିର୍ଭରଶୀଳ




ସେମିଳିଗୁଡ଼ା ବସ୍‌ଷ୍ଟାଣ୍ଡ ଉପରେ ସୁନାବେଡ଼ା, ସେମିଳିଗୁଡ଼ା, ଦାମନଯୋଡ଼ି, ନନ୍ଦପୁର ପଟାଙ୍ଗି ଅଞ୍ଚଳର ପ୍ରାୟ ୧ ଲକ୍ଷ ୫୦ ହଜାର ଲୋକ ନିର୍ଭର କରୁଛନ୍ତି। ଗତ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୩ଟି ଜିଲ୍ଲାର ୨୦ଟି ନୂତନ ବସ୍‌ଷ୍ଟାଣ୍ଡର ଉଦଘାଟନ କରିଥିଲେ। ସେଥିମଧ୍ୟରେ ସେମିଳିଗୁଡ଼ା ବସ୍‌ଷ୍ଟାଣ୍ଡ ଅନ୍ୟତମ। ମୁଖ୍ୟମନ୍ତ୍ରୀ ଭର୍ଚୁଆଲ୍ ମାଧ୍ୟମରେ ନୂତନ ବସ୍‌ଷ୍ଟାଣ୍ଡକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପାଡ଼ାଲ ଯୋଗଦେଇ ସେମିଳିଗୁଡ଼ାରେ ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଥିବା ଯୋଗୁଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୋରାପୁଟ ଜିଲ୍ଲାବାସୀଙ୍କ ତରଫରୁ କୃତଜ୍ଞତା ଜଣାଇଥିଲେ। ସେହିପରି ପଟାଙ୍ଗି ବିଧାୟକ ପୀତମ ପାଢ଼ୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ର ଶେଖର ମାଝୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, କୋରାପୁଟ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ, ସୁନାବେଡ଼ା ପୌରାଧ୍ୟକ୍ଷ ଡଃ ରାଜେନ୍ଦ୍ର କୁମାର ପାତ୍ର, ଉପାଧ୍ୟକ୍ଷ ରିତୁ କଣ୍ଟା, ବ୍ଲକ୍ ଉପାଧ୍ୟକ୍ଷ ଶିବା ବାଙ୍ଗାରି, ବିଜେଡି ନେତ୍ରୀ ମୀରା ପରିଡ଼ା, ବିଜୁ ମହିଳା ଜୋନାଲ ସଭାନେତ୍ରୀ ଲତା ରାୟ, ଜିଲ୍ଲା ମହିଳା ସଭାନେତ୍ରୀ ପାର୍ବତୀ ମଲ୍ଲିଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ମହିଳା ମାନେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।

# ଗମନାଗମନକୁ ସହଜ କରିଛି ସ୍ମାର୍ଟ ବସ୍‌ଷ୍ଟାଣ୍ଡ



ସି.ଏଚ୍. କୂର୍ମା ରାଓ, ସେମିଳିଗୁଡ଼ା

କୋରାପୁଟ ଜିଲ୍ଲାର ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ହେଉଛି ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ସେମିଳିଗୁଡ଼ା। ସେମିଳିଗୁଡ଼ା ସହର ମଧ୍ୟ ଦେଇ ଓଡ଼ିଶା-ଆନ୍ଧ୍ର ପ୍ରଦେଶକୁ ସଂଯୋଗ କରୁଥିବା ୨୬ ନଂ ଜାତୀୟ ରାଜପଥ ଯାଇଥିବାରୁ ଏହାର ଗୁରୁତ୍ୱ ଅଧିକ ରହିଛି। ସେହିପରି ଶିଳ୍ପ ନଗରୀ ସୁନାବେଡ଼ା ଏବଂ ଦାମନଯୋଡ଼ି ଅଞ୍ଚଳ ଲୋକେ ବିଭିନ୍ନ କ୍ଷେତ୍ରରେ ସେମିଳିଗୁଡ଼ା ଉପରେ ନିର୍ଭରଶୀଳ। ବିଭିନ୍ନ ଦୃଷ୍ଟିରୁ ସେମିଳିଗୁଡ଼ାର ଗୁରୁତ୍ୱ ରହିଥିବାବେଳେ ଏଠାରୁ ରାଜ୍ୟର ବିଭିନ୍ନ ଜିଲ୍ଲା ସମେତ ଭୁବନେଶ୍ୱର, ରାଉରକେଲା ଓ ପଡ଼ୋଶୀ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା, ବିଜୟୱାଡ଼ା, ହାଇଦ୍ରାବାଦ, ରାୟପୁରକୁ ସିଧାସଳଖ ବସ୍ ସେବା ରହିଛି। ତେଣୁ ପ୍ରତିଦିନ ସେମିଳିଗୁଡ଼ାଠାରୁ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଯାତ୍ରୀ ବିଭିନ୍ନ ସ୍ଥାନକୁ ଯାତ୍ରା କରି ଥାଆନ୍ତି। ହେଲେ ସେମିଳିଗୁଡ଼ା ସହରରେ ଏକ ବସ୍‌ଷ୍ଟାଣ୍ଡ ନଥିବା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଅନେକ ଥର ସ୍ଥାନୀୟ ଲୋକେ ଗୋଟିଏ ବସ୍‌ଷ୍ଟାଣ୍ଡ ପାଇଁ ଜନପ୍ରତିନିଧି ଏବଂ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ। ଏପରିକି ସ୍ଥାନୀୟ ବିଧାୟକ ଓ କିଛି ସାମାଜିକ ସଂଗଠନ ବସ୍‌ଷ୍ଟାଣ୍ଡ ପାଇଁ '୫- ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଅନୁରୋଧ କରିଥିଲେ। ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ ବସ୍‌ଷ୍ଟାଣ୍ଡ ଯୋଜନାରେ ସେମିଳିଗୁଡ଼ାକୁ ଏକ ବସ୍‌ଷ୍ଟାଣ୍ଡ ଉପହାର ଦେବା ପରେ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ସାକାର ହୋଇଛି।

**ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ନିର୍ମିତ**

ଓଡ଼ିଶା ପୁଲିସ ହାଉସିଂ ବୋର୍ଡ ଦ୍ୱାରା ପ୍ରାୟ ଛଅ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ବସ୍‌ଷ୍ଟାଣ୍ଡକୁ ଅତ୍ୟନ୍ତ ଆଧୁନିକ ଓ ସ୍ମାର୍ଟ ବସ୍‌ଷ୍ଟାଣ୍ଡ ଭଳି ନିର୍ମାଣ କରାଯାଇଛି । ଏଥିରେ ଯାତ୍ରୀ, ଡ୍ରାଇଭର ତଥା ସମସ୍ତ ସହକାରୀ କର୍ମଚାରୀମାନଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ରହିଛି। ନୂଆ ବସ୍‌ଷ୍ଟାଣ୍ଡରେ ଲୋକମାନଙ୍କର ସୁରକ୍ଷା ଓ ସାଧାରଣ ସୁବିଧାସୁଯୋଗର ଉପଯୁକ୍ତ ବ୍ୟବସ୍ଥା କରାଯାଇଛି। ବସ୍‌ଷ୍ଟାଣ୍ଡରେ ଦୁଇଟି ଟିକେଟ୍ କାଉଣ୍ଟର, ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ଭଳି ବିଭିନ୍ନ ସୁବିଧା ରହିଛି। ସେହିପରି ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ବସ୍ ସହ ଲକ୍ଷ୍ମୀ ଯୋଜନାରେ ଚାଲୁଥିବା ବସ୍ ମଧ୍ୟ ଏଠାରେ ସେବା ଯୋଗାଇବା ନେଇ ବ୍ୟବସ୍ଥା ରହିଛି।



### 'ଏଭଳି ବସ୍‌ଷ୍ଟାଣ୍ଡର ଆବଶ୍ୟକତା ଥିଲା'

ସେମିଳିଗୁଡ଼ାରେ ଆମ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ ହେବାପରେ ସହରବାସୀ ଖୁବ୍ ଉତ୍ସାହିତ ଅଛନ୍ତି। କାରଣ ଏହା ବହୁଦିନର ଆବଶ୍ୟକତା ଥିଲା। ବସ୍‌ଷ୍ଟାଣ୍ଡଟି ଖୁବ୍ ସୁନ୍ଦର ଓ ଉପଯୋଗୀ ହୋଇଛି। ବସ୍‌ଷ୍ଟାଣ୍ଡ ପରିସରରେ ପୁରୁଷ ମହିଳା ଶୌଚାଳୟ, ବିଶୁଦ୍ଧ ପାନୀୟଜଳର ବ୍ୟବସ୍ଥା ଦ୍ୱାରା ଯାତ୍ରୀମାନଙ୍କ ପାଇଁ ବହୁତ ସୁବିଧା ହୋଇଛି। ଡ୍ରାଇଭରମାନଙ୍କ ରହିବା ପାଇଁ ବ୍ୟବସ୍ଥା, ଜଗୁଆଳି ରହିବା ବ୍ୟବସ୍ଥା ହୋଇଛି। ଦୋକାନ ଘର ତିଆରି ହୋଇଛି। ବର୍ତ୍ତମାନ ଲକ୍ଷ୍ମୀ ବସ୍ ଏଠାରେ ରହୁଛି। ଖୁବ୍ ଶୀଘ୍ର ଅନ୍ୟ ବସ୍‌ଗୁଡ଼ିକର ଏଠାକୁ ଯିବାର ବ୍ୟବସ୍ଥା ସହ ଏହାକୁ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ କଲେ, ଏତେ ସୁନ୍ଦର ଆମ ବସ୍‌ଷ୍ଟାଣ୍ଡ ନିର୍ମାଣର ଉଦ୍ଦେଶ୍ୟ ସାଧିତ ହେବ। ଆମର ବହୁତ ଦିନର ସ୍ୱପ୍ନ ସାକାର ହୋଇ ଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ। ■

**ଶ୍ରୀମତୀ ସ୍ନିଗ୍ଧାରାଣୀ ମିଶ୍ର**
ସମାଜସେବୀ, ସେମିଳିଗୁଡ଼ା



### 'ଆମ ବସ୍‌ଷ୍ଟାଣ୍ଡ ଯୋଜନା ମୁଖ୍ୟମନ୍ତ୍ରୀଙ୍କର ଦୂରଦୃଷ୍ଟିର ପରିଚୟ'

ଚଳିତ ବର୍ଷ ଫେବୃଆରୀ ୧୫ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଜରିଆରେ ସେମିଳିଗୁଡ଼ା ଓଏସ୍‌ଆରଟିସିର ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡକୁ ଲୋକାର୍ପଣ କରିଛନ୍ତି। ଏ ଅଞ୍ଚଳ ପାଇଁ ଏହା ଗମନାଗମନ କ୍ଷେତ୍ରରେ ବରଦାନ ସଦୃଶ। ସେମିଳିଗୁଡ଼ା ପରି କ୍ରମବର୍ଦ୍ଧିଷ୍ଣୁ ସହରବାସୀ ଓ ଏହା ଉପରେ ଦୈନନ୍ଦିନ ନିର୍ଭରଶୀଳ ହଜାର ହଜାର ଲୋକଙ୍କ ପାଇଁ ଏପରି ବସ୍‌ଷ୍ଟାଣ୍ଡର ଅତ୍ୟନ୍ତ ଜରୁରୀ ଥିଲା। ଯାହା ଏବେ ତାହା ପୂରଣ ହେଲା। ଉପଖଣ୍ଡ ମାନ୍ୟତା ଅପେକ୍ଷାରେ ଥିବା ଏହି ସହର ପାଇଁ ଏମିତିକା ଆମ ବସ୍‌ଷ୍ଟାଣ୍ଡ ଯୋଜନା ମୁଖ୍ୟମନ୍ତ୍ରୀଙ୍କର ଦୂରଦୃଷ୍ଟିର ପରିଚୟ ଅଟେ। ନୂତନ ଓଡ଼ିଶାର ନିର୍ମାତା ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହୃଦୟ ଭରା ସାଧୁବାଦ ଜଣାଉଛି। ■

**ଅଜୟ କୁମାର ସାହୁ**
ଅଧ୍ୟକ୍ଷ, ସେମିଳିଗୁଡ଼ା ବିକାଶ ପରିଷଦ




# ଯାତ୍ରୀଙ୍କ ପାଇଁ ସୁବିଧା, ମହିଳାଙ୍କ ସହଭାଗିତା

**ଶୁଭାଶିଷ ପାଢ଼ୀ, ସମ୍ବଲପୁର**

ନବନିର୍ମିତ ବସ୍‌ଷ୍ଟାଣ୍ଡଗୁଡ଼ିକରେ ରହିଛି ଅତ୍ୟାଧୁନିକ ବ୍ୟବସ୍ଥା। ପ୍ରତ୍ୟେକ ସ୍ଥାନରେ ଯାତ୍ରୀମାନଙ୍କ ମନୋରଞ୍ଜନ ନିମନ୍ତେ ଏଲ୍‌ଇଡି ଟିଭି, ମୋବାଇଲ୍ ଚାର୍ଜ, ପିଇବା ପାଣି ଓ ଶୌଚାଳୟ। ବସ୍‌ଷ୍ଟାଣ୍ଡ ନିକଟରେ ଆଇନଶୃଙ୍ଖଳା ରକ୍ଷା ବ୍ୟବସ୍ଥା, ଚାରିପାଖରେ ପାର୍କିଂ ବ୍ୟବସ୍ଥା ରହିଛି। ବସ୍‌ଷ୍ଟାଣ୍ଡକୁ ସୁନ୍ଦର ଓ ଆକର୍ଷଣୀୟ କରିବା ଲାଗି ସୁନ୍ଦର ଫୁଲଗଛ ଓ ଆଲୋକରେ ଆଲୋକିତ କରାଯାଇଛି। ଦୁର୍ଗମ ଅଞ୍ଚଳରେ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବା ପରେ ଲୋକମାନେ ଖୁସି ଅଛନ୍ତି। ଗମନାଗମନ ସୁବିଧା ପାଇଁ ବସ୍‌ଷ୍ଟାଣ୍ଡଗୁଡ଼ିକ ପ୍ରାଣକେନ୍ଦ୍ର। ନୂଆ ବସ୍‌ଷ୍ଟାଣ୍ଡଗୁଡ଼ିକ ବ୍ୟବସାୟିକ କେନ୍ଦ୍ର ଭାବରେ ବିକଶିତ ହୋଇଛି। ଫଳରେ ଲୋକମାନେ ଏହାଦ୍ୱାରା ବହୁଳ ଭାବରେ ଉପକୃତ ହେବେ। ରାଜ୍ୟ ସରକାର ଗମନାଗମନକୁ ପ୍ରାଥମିକତା ଦେଇ ଜିଲ୍ଲାର ସହରାଞ୍ଚଳ ଓ ବ୍ଲକ୍‌ରେ ଆବଶ୍ୟକ ଅନୁସାରେ ବସ୍‌ଷ୍ଟାଣ୍ଡଗୁଡ଼ିକ ନିର୍ମାଣ କରୁଛନ୍ତି। ସମ୍ବଲପୁର ଜିଲ୍ଲାରେ ମଧ୍ୟ ସହର ଭିତରେ ଅଇଁଠାପାଲି ବସ୍‌ଷ୍ଟାଣ୍ଡ ରହିଥିବା ବେଳେ ଏବେ ବ୍ଲକ୍ ଗୁଡ଼ିକରେ ବସ୍‌ଷ୍ଟାଣ୍ଡ ଲୋକାର୍ପଣ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଯୁଯୁମୁରା ବସଷ୍ଟାଣ୍ଡ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ଲୋକାର୍ପଣ କରିଛନ୍ତି। ୫-ଟି ଯୋଜନାରେ ୫ ଗୋଟି ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇଛି। ଯାତ୍ରୀମାନେ ବସ୍‌ଷ୍ଟାଣ୍ଡରେ ବିଳାସପୂର୍ଣ୍ଣ ସୁବିଧା ପାଇପାରିବେ। ଏଣିକି ଆଉ ରାସ୍ତା କଡ଼ରେ ଯାତ୍ରୀଙ୍କୁ ଛିଡ଼ା ହେବାକୁ ପଡ଼ିବ ନାହିଁ। ବସ୍‌ଷ୍ଟାଣ୍ଡଗୁଡ଼ିକ ପରିଚାଳନାରେ ମିଶନ ଶକ୍ତିର ମହିଳାମାନଙ୍କ ସହଭାଗିତା ରହିବ। ସେମାନଙ୍କ ପାଇଁ ଦୋକାନ ଗୃହ ରହିଛି। ନିଜ ଉତ୍ପାଦିତ ସାମଗ୍ରୀ ସହିତ କାଫେ, ଜଳଖିଆ ଦୋକାନ କରି ରୋଜଗାର ପାଇବେ। ଏଥିରେ ଯାତ୍ରୀ, ଡ୍ରାଇଭର ତଥା ସମସ୍ତ ସହକାରୀ କର୍ମଚାରୀମାନଙ୍କ ପାଇଁ ସସସ୍ତ ପ୍ରକାର ସୁବିଧା ଉପଲବ୍ଧ ଅଛି। ବିଭିନ୍ନ ସ୍କୁଲ, କଲେଜ, ମହିଳା ଯାତ୍ରୀମାନଙ୍କ ପାଇଁ ସୁବିଧା ସହଜରେ ଉପଲବ୍ଧ ହୋଇପାରିବ। ଲୋକଙ୍କୁ ଉନ୍ନତମାନର ପରିବହନ ସେବା ଯୋଗାଇ ଦେଉଛି। ସୂଚନାଯୋଗ୍ୟ ଯେ, ସମ୍ବଲପୁର ଜିଲ୍ଲାରେ ପ୍ରଥମେ ୭ ସ୍ଥାନରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ଯୋଜନା କରାଯାଇଥିଲା। ହେଲେ ୨ ଚିହ୍ନଟ ହୋଇଥିବା ସ୍ଥାନ ଏନ୍‌ଏସି ଓ ମହାନଗର ନିଗମ ଅଧୀନରେ ଆସୁଥିବା ଯୋଗୁଁ ସ୍ଥଗିତ ହୋଇଛି। ଯୁଯୁମୁରା, ବାମରା, ଜମନକିରା, ରେଙ୍ଗାଲି, ନାକଟିଦେଉଳ ବ୍ଲକ୍‌ରେ ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଉଛି। ଗୋଟିଏ ବସ୍‌ଷ୍ଟାଣ୍ଡ ପାଇଁ ପ୍ରାୟ ୩ କୋଟି ଟଙ୍କା ବ୍ୟୟ ଅଟକଳ ରହିଥିଲା। ଏଥିରେ ପାଚେରି ବିଶ୍ରାମାଗାର, ଶୌଚାଳୟ, କ୍ୟାଣ୍ଟିନ, ମହିଳାଙ୍କ ପାଇଁ ଫିଡିଂ ସେଣ୍ଟର, ଟିକେଟ କାଉଣ୍ଟର, ସାର୍ଭିସିଂ ସେଣ୍ଟର ଭଳି ସୁବିଧା ରହିଛି। କୋଠାଗୁଡ଼ିକୁ ଆକର୍ଷଣୀୟ ଢଙ୍ଗରେ ନିର୍ମାଣ କରାଯାଇଛି। ■



# ମୁନିଗୁଡ଼ା ଓ କୋଲନରାରେ ଗଡୁଛି ବିକାଶର ଗାଡ଼ି

**ଆଦିବାସୀ ବହୁଳ ରାୟଗଡ଼ା ଜିଲ୍ଲାର ମୁନିଗୁଡ଼ା ଓ କୋଲନରାଠାରେ ଥିବା ‘ଆମ ବସ୍‌ଷ୍ଟାଣ୍ଡ’ ଏବେ ଲୋକଙ୍କ ମୁହଁରେ ହସ ଫୁଟାଉଛି। ଜିଲ୍ଲାର ଏହି ଦୁଇଟି ବ୍ଲକ୍‌ରେ ଥିବା ଆମ ବସ୍‌ଷ୍ଟାଣ୍ଡ ପରିବହନ ସେବାରେ ଏକ ମାଇଲଖୁଣ୍ଟ ସାଜିଛି। ମୁନିଗୁଡ଼ା ବ୍ଲକ୍‌ର ଡଙ୍ଗରିଆ କନ୍ଧ ହୁଅନ୍ତୁ କି କୋଲନରା ବ୍ଲକ୍‌ର ଦୁର୍ଗମ ଅଞ୍ଚଳର ପଞ୍ଚାୟତବାସୀ ହୁଅନ୍ତୁ। ପଞ୍ଚାୟତଠାରୁ ବ୍ଲକ୍ ଏବଂ ବ୍ଲକ୍‌ଠାରୁ ଜିଲ୍ଲା ସଦର ମହକୁମାକୁ ଯାତାୟାତ ପାଇଁ ଏହି ଦୁଇଟି ବ୍ଲକ୍‌ର ଲୋକେ ଏହି ଆମ ବସ୍‌ଷ୍ଟାଣ୍ଡ ଉପରେ ନିର୍ଭର କରନ୍ତି।**

**ଶିବ ନାରାୟଣ ଗୌଡ଼, ରାୟଗଡ଼ା**

ମୁନିଗୁଡ଼ାରେ ପୂର୍ବରୁ ଥିବା ପୁରୁଣା ବସ୍‌ଷ୍ଟାଣ୍ଡକୁ ‘୫-ଟି’ ଉପକ୍ରମରେ ରୂପାନ୍ତରିକରଣ କରି ଏକ ସୁନ୍ଦର, ସୁରକ୍ଷିତ, ଅତ୍ୟାଧୁନିକ ଏବଂ ସ୍ମାର୍ଟ ରୂପରେ ‘ଆମ ବସ୍‌ଷ୍ଟାଣ୍ଡ’ଭେଟି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ପୁରୁଣା ବସ୍‌ଷ୍ଟାଣ୍ଡରେ ପାନୀୟ ଜଳ,ଶୌଚାଳୟ ତଥା ଯାତ୍ରୀଙ୍କ ବସିବା ପାଇଁ ସ୍ଥାନର ଅଭାବ ରହିବା ସାଙ୍ଗକୁ ପରିମଳ ବ୍ୟବସ୍ଥାରେ ସୁଧାର ନ ଥିଲା। ଆମ ବସ୍‌ଷ୍ଟାଣ୍ଡ ଯୋଜନାରେ ମୁନିଗୁଡ଼ା ବସ୍‌ଷ୍ଟାଣ୍ଡ ଅନ୍ତର୍ଭୁକ୍ତ ହେବା ପରେ ବଦଳି ଯାଇଛି ରୂପରେଖ।

## ମୁନିଗୁଡ଼ା ବସ୍‌ଷ୍ଟାଣ୍ଡରେ ସୁବିଧା

ଆମ ବସ୍‌ଷ୍ଟାଣ୍ଡ ମୁନିଗୁଡ଼ା ସହରର ଶୋଭା ବୃଦ୍ଧି କରିବା ସହ ସ୍ଥାନୀୟ ବାସିନ୍ଦାଙ୍କ ଗମନାଗମନ ସୁଗମ କରିଛି। ଏହି ବସ୍‌ଷ୍ଟାଣ୍ଡରେ ଯାତ୍ରୀ, ଡ୍ରାଇଭର ତଥା ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ସମସ୍ତ ପ୍ରକାର ସେବା ଉପଲବ୍ଧ ରହିଛି। ଲୋକଙ୍କୁ ଆଉ ଟାଣଖରାରେ ବସ୍‌କୁ ଅପେକ୍ଷା କରିବାକୁ ପଡୁନାହିଁ। ବସ୍‌ଷ୍ଟାଣ୍ଡରେ ପାନୀୟ ଜଳ,ଶୌଚାଳୟ,ବସିବା ସ୍ଥାନ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଲୋକଙ୍କ ଦୈନନ୍ଦିନ ଗମନାଗମନ ସୁବିଧାକୁ ଏହା ସୁରକ୍ଷିତ କରିପାରିଛି। ଛାତ୍ର,ମହିଳା,ବରିଷ୍ଠ ନାଗରିକ ଏବଂ ସାର୍ବଜନୀନ ପରିବହନ ବ୍ୟବସ୍ଥାର ସାମାଜିକ ଅର୍ଥନୈତିକ ଅଭିବୃଦ୍ଧିରେ ବ୍ୟାପକ ପରିବର୍ତ୍ତନ ଆଣିପାରିଛି। ଗ୍ରାମ ପଞ୍ଚାୟତରୁ ବ୍ଲକ୍,ସଦର ଏବଂ ମହକୁମାଠାରୁ ସୁବିଧାରେ ଯାତ୍ରୀ ଯାତାୟତ କରିପାରିବା ଏହାର ମୂଳ ଲକ୍ଷ୍ୟ। ଆଦିବାସୀ ବହୁଳ ଏହି ମୁନିଗୁଡ଼ା ସହର ଉପରେ ସଦର ବ୍ଲକ୍‌ର ଅନେକ ପଞ୍ଚାୟତବାସୀ ନିର୍ଭର କରନ୍ତି। ସକାଳ ପାହିଲେ ପଞ୍ଚାତବାସୀ ମୁନିଗୁଡ଼ା ସହରକୁ କେହି ବ୍ୟବସାୟ ପାଇଁ ଆସିଥାଏ ତ’ କେହି ସ୍ୱାସ୍ଥ୍ୟ ସେବା ନିମନ୍ତେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏହି ବସ୍‌ଷ୍ଟାଣ୍ଡରୁ ବସ୍‌ରେ ଯାଇଥାନ୍ତି । ରାଜ୍ୟ ସରକାରଙ୍କ ଲକ୍ଷ୍ମୀ ବସ୍‌ରେ ବସି ପଞ୍ଚାୟତବାସୀ ସୁଲଭ ମୂଲ୍ୟରେ ବିଭିନ୍ନ ଗନ୍ତବ୍ୟ ସ୍ଥାନକୁ ଯାତାୟାତ କରିପାରୁଛନ୍ତି। ପଡୋଶୀ କଳାହାଣ୍ଡି,କନ୍ଧମାଳ ସମେତ କଟକ, ଭୁବନେଶ୍ୱରକୁ ମଧ୍ୟ ସ୍ଥାନୀୟ ଲୋକେ ସୁବିଧାରେ ସୁରକ୍ଷିତ ଭାବେ ଯାତ୍ରା କରୁଛନ୍ତି। ମୁନିଗୁଡ଼ା ଆମ ବସ୍‌ଷ୍ଟାଣ୍ଡ ପରିସରରେ ଥିବା ଦୋକାନଗୁଡ଼ିକ ମଧ୍ୟ ଖୁବ୍ ଶୀଘ୍ର ଖୋଲାଯିବା ପାଇଁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ଆମ ବସ୍‌ଷ୍ଟାଣ୍ଡ ଯୋଜନା ପରିବହନ ବିକାଶ କ୍ଷେତ୍ରରେ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି ।

ସେହିପରି ଜିଲ୍ଲାର କୋଲନରା-ଠାରେ ମଧ୍ୟ ଆମ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟିତ ହୋଇଛି। କୋଲନରା ବ୍ଲକ୍‌ର ୧୭ଟି ଗ୍ରାମ ପଞ୍ଚାୟତର ବାସିନ୍ଦା ଏହି ବସ୍‌ଷ୍ଟାଣ୍ଡ ଯୋଗୁଁ ଉପକୃତ ହୋଇପାରିଛନ୍ତି। ପୂର୍ବରୁ କୋଲନରା ଛକରେ ଟାଣଖରାରେ ଏବଂ ଦୋକାନଗୁଡ଼ିକ ତଳେ ଠିଆ ହୋଇ ଯାତ୍ରୀମାନଙ୍କୁ ବସ୍‌କୁ ଅପେକ୍ଷା କରିବାକୁ ପଡୁଥିଲା । ଏବେ ଏହି ପରିସ୍ଥିତିରେ ଆସିଛି ପରିବର୍ତ୍ତନ। ବର୍ତ୍ତମାନ ଆମ ବସ୍‌ଷ୍ଟାଣ୍ଡରୁ ଲକ୍ଷ୍ମୀ ବସ୍ ଯୋଗେ ପଞ୍ଚାୟତବାସୀ ବିଭିନ୍ନ ସ୍ଥାନକୁ ସୁରକ୍ଷିତ ଭାବେ ଯାତାୟାତ କରିପାରୁଛନ୍ତି। ଯାହାକୁ ନେଇ ପଞ୍ଚାତବାସୀମାନେ ଜିଲ୍ଲାରେ ରାଜ୍ୟ ସରକାରଙ୍କ ବିକାଶର ଗାଡ଼ି ଗଡୁଛି ବୋଲି ଚର୍ଚ୍ଚା କରୁଛନ୍ତି । ■



# ଭବାନୀପାଟଣା ପାଇଁ ବଡ଼ ଉପହାର 'ବସ୍ ଟର୍ମିନାଲ'

**ସ୍ୱାଧୀନ ପାତ୍ର**, ଭବାନୀପାଟଣା

**ବିଭିନ୍ନ ଯୋଜନା ଓ ଭିତ୍ତିଭୂମି ଉନ୍ନୟନ ଲାଗି ସରକାର ଅନବରତ ପ୍ରୟାସ ଜାରି ରଖିଛନ୍ତି । ଖୁବ୍ କମ୍ ସମୟସୀମା ମଧ୍ୟରେ ଭବାନୀପାଟଣା ସହରରେ ନିର୍ମାଣ ହେଲା ନୂତନ ବସ୍ ଟର୍ମିନାଲ । ଜନସାଧାରଣଙ୍କ ସାମୂହିକ ସୁବିଧା ପ୍ରତି ଧ୍ୟାନଦେଇ ରାଜ୍ୟ ସରକାର ଅନେକ ଯୋଜନା ଲୋକାଭିମୁଖୀ କରିବାକୁ ଚିନ୍ତା କରୁଥିବା ବେଳେ ୧୩ କୋଟିରୁ ଊର୍ଦ୍ଧ୍ୱ ବ୍ୟୟ ଅଟକଳରେ ନିର୍ମିତ ଏହି ବସ୍‌ଷ୍ଟାଣ୍ଡ ସେଥିମଧ୍ୟରୁ ଅନ୍ୟତମ । ଭବାନୀପାଟଣା ଏବେ ଯେମିତି ଏକ ସମର୍ଥଶୀଳ ସହର ରୂପେ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବାକୁ ଯାଉଛି । ୨୦୨୧-୨୨ ମସିହାରେ ଆରମ୍ଭ ହୋଇଥିବା ଭବାନୀପାଟଣା ବସ୍ ଟର୍ମିନାଲ ଏବେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ।**




## ଘୁମୁରା ଆକୃତିରେ ନିର୍ମାଣ

କଳାହାଣ୍ଡି ଜିଲ୍ଲାର ସାଂସ୍କୃତିକ ସ୍ୱାକ୍ଷର ବହନ କରୁଥିବା 'ଘୁମୁରା' ବାଦ୍ୟଯନ୍ତ୍ର ଆକୃତିରେ ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇଛି । ଏହି ବସ୍‌ଷ୍ଟାଣ୍ଡ ମଧ୍ୟରେ ଅନ୍ୟୂନ ୨୮ ଗୋଟି ବସ୍ ରହିବାର ବ୍ୟବସ୍ଥା ରହିଛି । ରାତ୍ରୀ ସମୟରେ ବସ୍ ପାର୍କିଂର ବ୍ୟବସ୍ଥା କରାଯାଇଛି । ସେହିପରି ଯାତ୍ରୀମାନଙ୍କର ସୁବିଧା ପାଇଁ ଚାରିଚକିଆ, ଦୁଇଚକିଆ ତଥା ଅଟୋ ଟ୍ୟାକ୍ସି ଷ୍ଟାଣ୍ଡର ସୁବିଧା ପ୍ରତି ଧ୍ୟାନ ଦିଆଯାଇଛି । ଏଥିମଧ୍ୟରେ ମାର୍କେଟ୍ କମ୍ପ୍ଲେକ୍ସ ଏବଂ ବସ୍ ଟର୍ମିନାଲରେ ସୁନ୍ଦର ବିଦ୍ୟୁତିକରଣ ବ୍ୟବସ୍ଥା ଶେଷ ହୋଇଛି । ସେହିପରି ବିଶେଷ ଆକର୍ଷଣ ପାଲଟିଛି ମିଶନ ଶକ୍ତି କାଫେ । ତେବେ ଏହି ଜିଲ୍ଲାରେ ଏଭଳି ଏକ ବସ୍ ଟର୍ମିନାଲ ହଜାର ହଜାର ଯାତ୍ରୀଙ୍କ ମନରେ ଅଫୁରନ୍ତ ଆନନ୍ଦ ସୃଷ୍ଟି କରିଛି ।



## ୪ ଏକର ଜାଗାରେ ବସ୍ ଟର୍ମିନାଲ

ଭବାନୀପାଟଣା ବସ୍ ଟର୍ମିନାଲ ପାଇଁ ୧୩ କୋଟି ୩୩ ଲକ୍ଷ ୭୮ ହଜାର ବ୍ୟୟ ଅଟକଳର ପ୍ରାଶାସନିକ ମଞ୍ଜୁରି ପାଇଥିଲା । ପ୍ରାୟ ୪ ଏକର ୮୩ ଡିସିମିଲ ପରିମିତ ଜାଗାରେ ଆରମ୍ଭ ହୋଇଥିବା ଏହି ବସ୍ ଟର୍ମିନାଲ ମଧ୍ୟରେ ପ୍ରାୟ ଚାରି ହଜାର ବର୍ଗ କିମି ଅଞ୍ଚଳରେ ବିଭିନ୍ନ ସୁବିଧା ବ୍ୟବସ୍ଥା ରହିଛି । ଏଥିରେ ୨୦ଟି ଦୋକାନ ଗୃହ, ପୁରୁଷ ଓ ମହିଳା ଶୌଚାଳୟ ସୁବିଧା, ଟିକେଟ କାଉଣ୍ଟର, ପୁଲିସ ଆଉଟପୋଷ୍ଟ, ସୂଚନା ଓ ବିଦ୍ୟୁତ୍ ବିଭାଗ ଗୃହ ରହିଛି । ପ୍ରଥମ ମହଲାର ପ୍ରାୟ ୮୦୦ ବର୍ଗ କିମି ସ୍ଥାନରେ ପୁରୁଷ, ମହିଳା ଶୌଚାଳୟ, ଗୋଟିଏ ଡୋରମିଟୋରି, ଗେମିଂ ଜୋନ୍, କାଫେଟେରିଆ, ବହି ଦୋକାନ ରହିବ । ଅନ୍ୟପକ୍ଷରେ ମାର୍କେଟ୍ କମ୍ପ୍ଲେକ୍ସ ୭୫୦ ବର୍ଗ କିମି ଅଞ୍ଚଳରେ ନିର୍ମାଣ କରାଯାଇଛି । ସେଥିରେ ମଧ୍ୟ ପୁରୁଷ ଓ ମହିଳା ଶୌଚାଳୟ ସମେତ ଦୁଇଟି ରେଷ୍ଟୁରାଣ୍ଟ ପାଇଁ କୋଠା ନିର୍ମାଣ ହୋଇଛି ।



### 'ଜିଲ୍ଲାର ଗୌରବକୁ ଜନମାନସରେ ପହଞ୍ଚାଇପାରିଛି'



କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା, ଧର୍ମଗଡ଼ ଓ ଜୁନାଗଡ଼ଠାରେ ଏଭଳି ଭବ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ ବୋଲି ଜନସାଧାରଣ କେବେ ବିଶ୍ୱାସ କରିପାରୁ ନଥିଲେ । ସପ୍ନକୁ ବାସ୍ତବତାରେ ପରିଣତ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଶେଷ ଧନ୍ୟବାଦ । କଳାହାଣ୍ଡିର ବୀରବାଦ୍ୟ ଘୁମୁରା ପ୍ରତିକୃତିରେ ଭବାନୀପାଟଣା ବସ୍‌ଷ୍ଟାଣ୍ଡର ଛାତ ନିର୍ମାଣ ଜିଲ୍ଲାର ଗୌରବକୁ ଏକ ବୃହତ୍ ଜନମାନସରେ ପହଞ୍ଚାଇ ପାରିଛି । ■

**ହୃଷୀକେଶ ମିଶ୍ର**, ସମାଜସେବୀ, ଧର୍ମଗଡ଼

### 'ବସ୍‌ଷ୍ଟାଣ୍ଡରେ କାଫେ ଚଳାଇ ଲାଭବାନ ହେଉଛୁ'



ଭବାନୀପାଟଣା ସହରର ମିଶନ ଶକ୍ତି ମହିଳା ଆଣିବେ ପ୍ରଗତି । ଆମ ପୌରାଧ୍ୟକ୍ଷା ସଂଯୁକ୍ତା ବେହେରାଙ୍କ ମାର୍ଗଦର୍ଶିକାରେ ଭବାନୀପାଟଣାସ୍ଥିତ ନୂତନ ବସ୍‌ଷ୍ଟାଣ୍ଡରେ କାଫେ ଚଳାଉଛୁ ଏବଂ ଲାଭବାନ ମଧ୍ୟ ହେଉଛୁ । ସହରବାସୀ କାଫେରେ ବସି ବହୁ ସୁଆଦିଆ ଭୋଜନର ମଜା ମଧ୍ୟ ନେଉଛନ୍ତି । ତେଣୁ ଆମେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ଏବଂ ମିଶନ ଶକ୍ତି ଓଡ଼ିଶା କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜ୍ଞାପନ କରୁଛୁ । ■

**ପାର୍ବତୀ ମିଶ୍ର**
ସଭାନେତ୍ରୀ, ବସୁନ୍ଧରା ଫାଉଣ୍ଡେସନ, ଭବାନୀପାଟଣା

### 'ନବନିର୍ମିତ ବସ୍ ଟର୍ମିନାଲ ଅଞ୍ଚଳବାସୀଙ୍କ ସ୍ୱପ୍ନକୁ ସାକାର କରିଛି'



ମହିଳାମାନଙ୍କ ସଶକ୍ତିକରଣ ଦିଗରେ ରାଜ୍ୟ ସରକାରଙ୍କ ମିଶନଶକ୍ତିର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା ସଦର ମହକୁମା ଭବାନୀପାଟଣା ସହରର ବସ୍‌ଷ୍ଟାଣ୍ଡରେ ଆରମ୍ଭ ହୋଇଛି ସହରର ପ୍ରଥମ ମିଶନ ଶକ୍ତି କାଫେ । ଭବାନୀପାଟଣା ସହରାଞ୍ଚଳ ବସୁନ୍ଧରା ମହିଳା ଫେଡେରେସନ୍ ଦ୍ୱାରା ପରିଚାଳିତ ହେଉଥିବା କାଫେରେ ସହରବାସୀ ତଥା ଯାତ୍ରୀ ପ୍ରତିଦିନ କମ୍ ମୂଲ୍ୟରେ ସ୍ୱାଦିଷ୍ଟ ଭୋଜନ ଉପଭୋଗ କରିବେ । ଦ୍ୱିତୀୟରେ ନବନିର୍ମିତ ବସ୍ ଟର୍ମିନାଲ ଅଞ୍ଚଳବାସୀଙ୍କ ଦୀର୍ଘଦିନର ସ୍ୱପ୍ନକୁ ସାକାର କରିଛି ଓ ଯାତ୍ରୀ ସବୁପ୍ରକାର ସୁବିଧା ଉପଲବ୍ଧ କରୁଛନ୍ତି । ■

**ସଂଯୁକ୍ତା ବେହେରା**
ପୌରାଧ୍ୟକ୍ଷା, ଭବାନୀପାଟଣା

### 'ଯାତ୍ରୀଙ୍କ ଗମନାଗମନରେ ଅସୁବିଧା ହେଉନାହିଁ'



ମୁଁ କେସିଙ୍ଗା ନିକଟସ୍ଥ ଚାଞ୍ଚେର ଗାଁରୁ ସବୁଦିନ ବସ୍ ଯୋଗେ କଲେଜକୁ ଆସିଥାଏ । ବର୍ତ୍ତମାନ ଆମ ଭବାନୀପାଟଣା ସହରରେ ନୂଆ ବସ୍‌ଷ୍ଟାଣ୍ଡ ତିଆରି ହୋଇ କଳାହାଣ୍ଡି ବିକାଶରେ ଏକ ନୂତନ ଫର୍ଦ୍ଦ ଯୋଡ଼ି ହୋଇଛି । ବସ୍‌ଷ୍ଟାଣ୍ଡ ମଧ୍ୟରେ ସରକାରଙ୍କ ମିଶନଶକ୍ତି କାଫେ ମଧ୍ୟ ରହିଛି । ପାଣି ବ୍ୟବସ୍ଥା ସହିତ ଶୌଚାଳୟ ଥିବା ଯୋଗୁଁ ଆମପରି ଦୂରରୁ ଆସୁଥିବା ଯାତ୍ରୀମାନେ ପୂର୍ବପରି ଅସୁବିଧାର ସମ୍ମୁଖୀନ ହେଉନାହାନ୍ତି । ସରକାରଙ୍କ ବସ୍ ସେବା ଯୋଗାଇ ଦେବା ଯୋଗୁଁ ଯାତ୍ରୀମାନଙ୍କ ଗମନାଗମନରେ କୌଣସି ଅସୁବିଧା ହେଉ ନାହିଁ । ବର୍ତ୍ତମାନ ଲକ୍ଷ୍ମୀ ବସ୍ ଚଳାଚଳ ଯୋଗୁଁ ଆମ ପରି ଅନେକ ଛାତ୍ରଛାତ୍ରୀ କମ୍ ମୂଲ୍ୟରେ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚିପାରୁଛନ୍ତି । ଏପରି ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ତିଆରି କରିଥିବା ହେତୁ ଓଡ଼ିଶା ସରକାର ଏବଂ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଉଛି । ■

**ଅମିନା ସାହୁ**
+୩ ଦ୍ୱିତୀୟ ବର୍ଷ ଛାତ୍ରୀ, ସରକାରୀ ମହିଳା ମହାବିଦ୍ୟାଳୟ

# ଗମନାଗମନକୁ ସୁଗମ କରିଛି 'ଆମ ବସ୍ଷ୍ଟାଣ୍ଡ'

ଧରଣୀଧର ମିଶ୍ର, ସୋନପୁର



ପୂର୍ବରୁ କେଉଁ ଛକରେ କିମ୍ବା କେଉଁ ବଜାରରେ ବସ୍ ଅଟକୁଥିଲା। ବସ୍ ଧରିବା ପାଇଁ କିମ୍ବା ବସ୍‌ରୁ ଓହ୍ଲାଇବା ପାଇଁ ଯାତ୍ରୀମାନେ ବହୁ ହଇରାଣହରକତ ହେଉଥିଲେ। ବସ୍ଷ୍ଟାଣ୍ଡରେ ପରିସ୍ରା ଯିବା ପାଇଁ କୌଣସି ସୁବିଧା ନଥିଲା। ଖରା କିମ୍ବା ବର୍ଷା ସମୟରେ ମୁଣ୍ଡ ଗୁଞ୍ଜିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ ଯାତ୍ରୀମାନେ। ତେବେ ଏହି ସବୁ ଅସୁବିଧାକୁ ଦୂର କରି ପାରିଛି ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ମାଣ ହୋଇଥିବା ଆମ ବସ୍ଷ୍ଟାଣ୍ଡ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପ ଗମନାଗମନକୁ ଆହୁରି ସୁଗମ କରିଛି। ଓଡ଼ିଶା ରାଜ୍ୟ ପରିବହନ ନିଗମ ପକ୍ଷରୁ ବୀରମହାରାଜପୁର, ଉଲୁଣ୍ଡା ଏବଂ ବିନିକାରେ ଉଦ୍‌ଘାଟିତ ହୋଇଥିବା ଆମ ବସଷ୍ଟାଣ୍ଡରେ ଯାତ୍ରୀଙ୍କ ସୁବିଧା ପାଇଁ ବିଶେଷ ଦୃଷ୍ଟି ଦିଆଯାଇଛି। ବସ୍ ଅଟକିବା ପାଇଁ ତଥା ଯାତ୍ରୀ ଏବଂ ବସ୍ କର୍ମଚାରୀମାନଙ୍କ ବସିବା ପାଇଁ ସୁବିଧା କରାଯାଇଛି। ଏହି ସୁରମ୍ୟ କୋଠାକୁ ଦେଖିଲେ ବ୍ଲକ୍ ସ୍ତରରେ ଏଭଳି ବସ୍ଷ୍ଟାଣ୍ଡ ନିର୍ମିତ ହେବ ବୋଲି କେହି କଳ୍ପନା ସୁଦ୍ଧା କରିନଥିଲେ। ତେବେ ଦ୍ୱିତୀୟ ପର୍ଯ୍ୟାୟରେ ସୋନପୁର ଏବଂ ଡୁଙ୍ଗୁରିପାଲିଠାରେ ଆମ ବସ୍ଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।




## ବୀରମହାରାଜପୁରରେ ଅତ୍ୟାଧୁନିକ ବସ୍ଷ୍ଟାଣ୍ଡ

୨୦୨୪ ଫେବୃଆରୀ ୧୫ ତାରିଖରେ ବୀରମହାରାଜପୁରଠାରେ ଓଏସ୍ଆର୍‌ଟିସି ଦ୍ୱାରା ନିର୍ମିତ ଅତ୍ୟାଧୁନିକ ଆମ ବସଷ୍ଟାଣ୍ଡକୁ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଉଦ୍‌ଘାଟିତ କରିଛନ୍ତି। ବୀରମହାରାଜପୁରଠାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଜିଲ୍ଲାପାଳ ଅନନ୍ୟା ଦାସ, ଉପ ଜିଲ୍ଲାପାଳ ଲଲାଟେନ୍ଦୁ ସି ପ୍ରମୁଖ ଉପସ୍ଥିତ ଥିଲେ। ୧.୦୫ ଏକର ପରିମିତ ସ୍ଥାନରେ ସାଢ଼େ ୩ କୋଟି ଟଙ୍କା ବ୍ୟୟରେ ଉକ୍ତ ବସ୍ଷ୍ଟାଣ୍ଡ ନିର୍ମିତ ହୋଇଛି। ବସ୍ଷ୍ଟାଣ୍ଡ ଭିତରେ ଯାତ୍ରୀ ଆଶ୍ରୟସ୍ଥଳ, ରେଷ୍ଟୁରାଣ୍ଟ, ଶୌଚାଳୟ, ପିଇବା ପାଣିର ବ୍ୟବସ୍ଥା ଏବଂ ୪ଟି ଷ୍ଟଲ୍ ନିର୍ମିତ ହୋଇଛି। ବୀରମହାରାଜପୁର ଦେଇ ବଲାଙ୍ଗିର ଏବଂ ସୋନପୁରରୁ ରାଜଧାନୀକୁ ବହୁ ରାତ୍ରିକାଳୀନ ବସ୍ ଗଡ଼ିଥାଏ । ସେହିପରି ସମ୍ବଲପୁର, ରେଢ଼ାଖୋଲ ଏବଂ ସୋନପୁରକୁ ପ୍ରତ୍ୟେକ ଦିନ ବହୁ ବସ୍ ଯାତାୟାତ କରୁଥିବାରୁ ଆମ ବସଷ୍ଟାଣ୍ଡ ଦ୍ୱାରା ଅଞ୍ଚଳବାସୀ ଉପକୃତ ହେବେ।

## ବିନିକା ଓ ଉଲୁଣ୍ଡାରେ ବସ୍ଷ୍ଟାଣ୍ଡ

୨୦୨୩ ଅଗଷ୍ଟ ୨୩ ତାରିଖରେ ବିନିକା ଏବଂ ଉଲୁଣ୍ଡାରେ ଆମ ବସ୍ଷ୍ଟାଣ୍ଡ ଉଦ୍‌ଘାଟିତ ହୋଇଛି। ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଉଭୟ ବସ୍ଷ୍ଟାଣ୍ଡ ଉଦ୍‌ଘାଟିତ ହୋଇଛି। ୨ କୋଟି ୮୪ ଲକ୍ଷ ଟଙ୍କା ବ୍ୟୟରେ ଉଲୁଣ୍ଡାଠାରେ ୧.୦୨ ଏକର ପରିମିତ ସ୍ଥାନରେ ଆମ ବସ୍ଷ୍ଟାଣ୍ଡ ନିର୍ମିତ ହୋଇଛି। ସେହିପରି ବିନିକାଠାରେ ୫ କୋଟି ୧୭ ଲକ୍ଷ ଟଙ୍କା ବ୍ୟୟରେ ୧.୧୬ ଏକର ସ୍ଥାନରେ ରାଜ୍ୟ ସରକାର ସି ଟାଇପ୍ ବସଷ୍ଟାଣ୍ଡ ନିର୍ମାଣ କରିଛନ୍ତି। ବସଷ୍ଟାଣ୍ଡରେ ଯାତ୍ରୀ ଏବଂ ବସ୍ କର୍ମଚାରୀଙ୍କ ଆଶ୍ରୟସ୍ଥଳ, ଲାଟ୍ରିନ୍, ବାଥରୁମ୍, ପିଇବା ପାଣିର ବ୍ୟବସ୍ଥା କରାଯାଇଛି। ବ୍ୟବସାୟ ପ୍ରତିଷ୍ଠାନ ପାଇଁ ୮ଟି ଦୋକାନ ଗୃହ ମଧ୍ୟ ନିର୍ମିତ ହୋଇଛି।








## ଜିଲ୍ଲା ସଦର ମହକୁମାରେ ହେବ ଅତ୍ୟାଧୁନିକ ବସ୍ଷ୍ଟାଣ୍ଡ



ବହୁ ପ୍ରତୀକ୍ଷିତ ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମାରେ ଅତ୍ୟାଧୁନିକ ବସ୍ଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସୁବର୍ଣ୍ଣପୁରବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହେବାକୁ ଯାଉଛି। ଏଠାରେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍ଆର୍‌ଟିସି) ପକ୍ଷରୁ ଅତ୍ୟାଧୁନିକ ଏ ଟାଇପ୍ ବସଷ୍ଟାଣ୍ଡ ନିର୍ମାଣ ପାଇଁ ସ୍ଥାନ ଖାଲି କରାଯାଉଛି। ବସଷ୍ଟାଣ୍ଡ ନିର୍ମାଣ ପାଇଁ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲି. (ଓବିସିସି) ପକ୍ଷରୁ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଛି। ୨୯ କୋଟି ୨୮ ଲକ୍ଷ ୨ ହଜାର ଟଙ୍କା ବ୍ୟୟରେ ୩.୩୪ ଏକର ପରିମିତ ସ୍ଥାନରେ ଆମ ବସ୍ଷ୍ଟାଣ୍ଡ ନିର୍ମିତ ହେବ। ତେବେ ୧୫ ମାସ ମଧ୍ୟରେ ଏହି ନୂତନ ବସ୍ଷ୍ଟାଣ୍ଡ ନିର୍ମାଣ କାମ ସମ୍ପୂର୍ଣ୍ଣ ହେବ ବୋଲି ଜଣାପଡ଼ିଛି। ଏହା ମଧ୍ୟରେ ହୋଟେଲ, ଦୋକାନ ଗୃହ ସହ ବସ୍ ଏବଂ କାର୍ ପାର୍କିଂ ପାଇଁ ସୁବିଧା ରହିବ। ଯାତ୍ରୀ ଏବଂ ବସ୍ କର୍ମଚାରୀମାନଙ୍କ ଆଶ୍ରୟ ପାଇଁ ମଧ୍ୟ ସମସ୍ତ ବ୍ୟବସ୍ଥା କରାଯିବ। ୨୦୨୩ ଅଗଷ୍ଟ ୨୩ ତାରିଖରେ ସୋନପୁର ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଭର୍ଚୁଆଲ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସୋନପୁର ନୂତନ ଟାଉନହଲ୍‌ଠାରେ ଆୟୋଜିତ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପୌରାଧ୍ୟକ୍ଷା ତାମସୀ ତାମସ୍ମିତା ନାୟକ ଏବଂ ତତ୍କାଳୀନ ଜିଲ୍ଲାପାଳ ବିମଳେନ୍ଦୁ ରାୟ ପ୍ରମୁଖ ଯୋଗ ଦେଇଥିଲେ। ଗମନାଗମନ କ୍ଷେତ୍ରରେ ଆମ ବସ୍ଷ୍ଟାଣ୍ଡ ବୈପ୍ଲବିକ ପରିବର୍ତ୍ତନ ଆଣିପାରିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଥିଲେ। ସତରେ ଆମ ବସ୍ଷ୍ଟାଣ୍ଡ ଉନ୍ନତିର ଏକ ମାଇଲ୍‌ଖୁଣ୍ଟ ସଦୃଶ।

ରାଜ୍ୟ ସରକାର ଓଡ଼ିଶାର ବିକାଶ ପାଇଁ ତୃଣମୂଳ ସ୍ତରରୁ ବିଭିନ୍ନ ପ୍ରକଳ୍ପମାନ କାର୍ଯ୍ୟକାରୀ କରୁଛନ୍ତି । ଏପରିକି ଗାଁକୁ ପକ୍କା ରାସ୍ତା ସହ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଆଦି ବହୁ ପ୍ରକଳ୍ପ ମାଧ୍ୟମରେ ଲୋକମାନଙ୍କର ସୁବ୍ୟବସ୍ଥା କରୁଛନ୍ତି । ସରକାର ଗମନାଗମନ କ୍ଷେତ୍ରରେ ଅଧିକ ଗୁରୁତ୍ୱ ପ୍ରଦାନ କରୁଥିବା ବେଳେ ବିଭିନ୍ନ ସ୍ଥାନରେ ନୂତନ ବସ୍ଷ୍ଟାଣ୍ଡମାନ ନିର୍ମାଣ କରି ସହରର ସୌନ୍ଦର୍ଯ୍ୟକୁ ବୃଦ୍ଧି କରୁଛନ୍ତି । ପୂର୍ବରୁ ବାଲେଶ୍ୱର ସହଦେବଖୁଣ୍ଟା ବସ୍ଷ୍ଟାଣ୍ଡର ଚିତ୍ର ଅତି ନିମ୍ନମାନର ରହିଥିଲା । ତେବେ ସରକାର ଦୁଇ ବର୍ଷେ ତଳେ ଏହି ବସ୍ଷ୍ଟାଣ୍ଡର ଖରାପ ସ୍ଥିତିକୁ ସୁଧାରିଛନ୍ତି ।



# ତୁଟିଛି ଯାତ୍ରୀଙ୍କ ସମସ୍ୟା, ବଢ଼ାଉଛି ସହରର ସୌନ୍ଦର୍ଯ୍ୟ

କଳିଙ୍ଗ କୁମାର ସାହୁ, ବାଲେଶ୍ୱର



ମଡେଲ ବସ୍ଷ୍ଟାଣ୍ଡ

ମୁଖ୍ୟମନ୍ତ୍ରୀ ୨୦୨୨ ମସିହାରେ ନିଜେ ବାଲେଶ୍ୱର ସହରର ବିକାଶ ପାଇଁ ଦାୟିତ୍ୱ ନେବା ପରେ ଖୁବ୍‌ଶୀଘ୍ର ସହରର ଚିତ୍ର ଏକ ଭିନ୍ନମାନର ଦୃଷ୍ଟିଗୋଚର ହୋଇଛି। ଏହାର ପ୍ରଥମ ସୋପାନ ଥିଲା ସହଦେବଖୁଣ୍ଟା ବସ୍ଷ୍ଟାଣ୍ଡ। ନୂତନ ମଡେଲ ବସଷ୍ଟାଣ୍ଡ ଭାବେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବିଶେଷ କରି ଏହି ବସଷ୍ଟାଣ୍ଡରେ ୧୨ ହଜାର ବର୍ଗଫୁଟ୍‌ରୁ ଅଧିକ ଦୁଇ ତାଲା ପାର୍କିଂ ନିର୍ମାଣ କାର୍ଯ୍ୟ କରାଯାଇଛି। ଯାହାକି ଦେଖିବାକୁ ସମ୍ପୂର୍ଣ୍ଣ ଭିନ୍ନ ଧରଣର। ଏହାର ପାର୍କିଂ ମୁଖ୍ୟ ରାସ୍ତା ଏବଂ ପଛ ଆଡ଼କୁ ରହିଛି। ଏଠାରେ ବସ୍ ସବୁ ଛିଡ଼ା ହେବା ପାଇଁ ସେଡ଼ ନିର୍ମାଣ କରାଯାଇଛି। ବିଶେଷକରି ବସ୍ଷ୍ଟାଣ୍ଡ ପଛ ଆଡକୁ ଯାତ୍ରୀ ବିଶ୍ରାମାଗାର, ସାଇକଲ ଓ ମୋଟର ସାଇକଲ ପାର୍କିଂ ସ୍ଥାନ ଏବଂ ବସ୍ ମାଲିକଙ୍କ କାର୍ଯ୍ୟାଳୟ ଘର ନିର୍ମାଣ ହୋଇଛି।

## ଦୂର ହୋଇଛି ସମସ୍ୟା

ବର୍ଷାଦିନେ ବସ୍ଷ୍ଟାଣ୍ଡ ଭିତରେ ଛିଡ଼ା ହେଲେ କାଦୁଅ ସମସ୍ୟା ନାହିଁ। ଅନ୍ୟପଟେ ବାଲେଶ୍ୱର ରୁଟ୍‌ରେ ଏବେ ୪ଶହ ଯାତ୍ରୀବାହୀ ବସ୍ ଚଳାଚଳ କରୁଛି। ଏହି ସମସ୍ତ ବସ୍‌ଗୁଡ଼ିକୁ ପାର୍ଟି ପାଇଁ ଏହି ମଡେଲ ବାଲେଶ୍ୱର ପୂର୍ତ୍ତ ବିଭାଗ ଡିଭିଜନ୍-୧ ପକ୍ଷରୁ୯କୋଟି ୭୧ଲକ୍ଷ ଟଙ୍କା ଅଟକଳରେ ଏହି ମଡେଲ ବସ୍ଷ୍ଟାଣ୍ଡ ନିର୍ମାଣ କରାଯାଇଛି। ନୂଆକରି ନିର୍ମାଣ ହୋଇଥିବା ବସଷ୍ଟାଣ୍ଡ ଉପରେ ଦୈନିକ ହଜାର ହଜାର ଯାତ୍ରୀ ନିର୍ଭର କରୁଥିବା ବେଳେ ଏହା ଲୋକମାନଙ୍କ ପାଇଁ ବେଶ ଉପଯୋଗୀ ସାବ୍ୟସ୍ତ ହୋଇଛି। ପୂର୍ବରୁ ବସ୍ଷ୍ଟାଣ୍ଡରୁ ବସ୍ ବାହାରକୁ ବାହାରିବା ପାଇଁ ବହୁ ଅସୁବିଧାରେ ସମ୍ମୁଖୀନ ହେଉଥିବା ବେଳେ ବସ ଟର୍ମିନାଲ ନିର୍ମାଣ ହେବା ପରେ ବସ୍‌ଗୁଡ଼ିକ ନିଜ ନିଜ ସ୍ଥାନରେ ରହୁଛନ୍ତି। ଫଳରେ ସାଧାରଣ ଲୋକମାନଙ୍କର ବସ ଖୋଜି ପାଇବାରେ କୌଣସି ଅସୁବିଧା ପରିଲକ୍ଷିତ ହେଉ ନାହିଁ।



## ଯାତାୟାତ ହୋଇଛି ସୁଗମ

ଅନ୍ୟପଟେ ସହରର ସହଦେବଖୁଣ୍ଟା ବସ୍ଷ୍ଟାଣ୍ଡ ବ୍ୟତୀତ ଭୋଗରାଇରେ ଏକ ନୂତନ ବସଷ୍ଟାଣ୍ଡ ନିର୍ମାଣ କରାଯାଇଛି। ଯାହାର ବ୍ୟୟ ଅଟକଳ ୫କୋଟି ୧୨ ଲକ୍ଷ ୫୦ ହଜାର ୩୬ ଟଙ୍କାରେ ରହିଥିବା ବେଳେ ଏହା ୧ ଏକର ୪୩ ଡେସିମିଲ ଜାଗା ଉପରେ ରହିଛି । ସେହିପରି ବାଲିଆପାଳ ବ୍ଲକ୍‌ରେ ମଧ୍ୟ ନୂତନ ବସଷ୍ଟାଣ୍ଡ ନିର୍ମାଣ କରାଯାଇଛି । ଏହାଛଡା ସିମୁଳିଆ ବ୍ଲକରେ ମଧ୍ୟ ମଡେଲ ବସଷ୍ଟାଣ୍ଡ ନିର୍ମାଣ କରାଯାଇଛି। ଏହି ବସଷ୍ଟାଣ୍ଡ ହେବା ଦ୍ୱାରା ସ୍ଥାନୀୟ ଲୋକଙ୍କ ସମେତ ବାହାରୁ ଆସୁଥିବା ଲୋକେ ମଧ୍ୟ ବେ୍ଶ ଉପକୃତ ହୋଇପାରୁଛନ୍ତି। ତେବେ ଦେଖିବାକୁ ଗଲେ, ମୁଖ୍ୟମନ୍ତ୍ରୀଙ୍କ ଏହି ଯୋଜନା ବାସ୍ତବରେ ଲୋକମାନଙ୍କର ଯାତାୟାତକୁ ସୁଗମ କରିପାରୁଛି। ■

**ବୌଦ୍ଧ ଜିଲ୍ଲାରେ କଣ୍ଟାମାଳ ଏବଂ ପୁରୁଣାକଟକଠାରେ ଦୁଇଟି ଅତ୍ୟାଧୁନିକ ବସ୍ଷ୍ଟାଣ୍ଡ ଉଦ୍‌ଘାଟିତ ହୋଇଛି । ଏହି ଦୁଇଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୨୦୨୧ ମସିହା ଡିସେମ୍ବର ୨୩ ତାରିଖରେ ଆଭାସୀ ମାଧ୍ୟମରେ ଶିଳାନ୍ୟାସ କରିଥିଲେ । ଓଡ଼ିଶା ପୋଲିସ ହାଉସିଂ କର୍ପୋରେସନ୍ ଭୁବନେଶ୍ୱର ଦ୍ୱାରା ପ୍ରାୟ ୧୩ କୋଟି ଟଙ୍କା ବ୍ୟୟ ଅଟକଳରେ ଉଭୟ ବସ୍ଷ୍ଟାଣ୍ଡ ନିର୍ମାଣ ହୋଇଛି । ଗତ ୨୦୨୩ ମସିହା ଅଗଷ୍ଟ ୨୩ ତାରିଖରେ କଣ୍ଟାମାଳ ବସ୍ଷ୍ଟାଣ୍ଡ ଏବଂ ଚଳିତ ବର୍ଷ ଫେବୃଆରୀ ୧୫ ତାରିଖରେ ପୁରୁଣାକଟକ ବସ୍ଷ୍ଟାଣ୍ଡ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଶୁଭ ଉଦ୍‌ଘାଟନ କରିଛନ୍ତି ।**

# ବୌଦ୍ଧରେ ଦୁଇଟି ଅତ୍ୟାଧୁନିକ ବସ୍ଷ୍ଟାଣ୍ଡ

ଦିବ୍ୟରଞ୍ଜନ ପଟ୍ଟନାୟକ, ବୌଦ୍ଧ

## ଗମନାଗମନ ପାଇଁ ପଥ ପରିଷ୍କାର

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ସଦର ମହକୁମା ଡୁମାଲପାଲି ଛକ ନିକଟରେ ଏକ ଅତ୍ୟାଧୁନିକ ବସ୍ଷ୍ଟାଣ୍ଡ ନିର୍ମିତ ହୋଇଛି । କଣ୍ଟାମାଳଠାରୁ ବୌଦ୍ଧ, ବଲାଙ୍ଗିର, କଳାହାଣ୍ଡି, ଫୁଲବାଣୀ, ପୁରୀ ଭଳି ସହରକୁ ଗମନାଗମନ ପାଇଁ କଣ୍ଟାମାଳ ସହର ଉପରେ ନିର୍ଭରଶୀଳ ପ୍ରାୟ ୧୫ଟି ପଞ୍ଚାୟତର ଲୋକ ଏହି ବସ୍ଷ୍ଟାଣ୍ଡ ଦ୍ୱାରା ଉପକୃତ ହେବେ ।

ସେହିପରି ହରଭଙ୍ଗା ବ୍ଲକ୍ ପୁରୁଣାକଟକଠାରୁ ବୌଦ୍ଧ, ଫୁଲବାଣୀ, ଆଠମଲ୍ଲିକ, ଅନୁଗୁଳ, ଭୁବନେଶ୍ୱର, ବ୍ରହ୍ମପୁର, ବଲାଙ୍ଗୀର, ସମ୍ବଲପୁର ଭଳି ସ୍ଥାନକୁ ଯିବା ଆସିବା ପାଇଁ ହରଭଙ୍ଗା ବ୍ଲକ୍ ଅଞ୍ଚଳର ଲୋକେ ପୁରୁଣାକଟକ ବସ୍ଷ୍ଟାଣ୍ଡ ଦ୍ୱାରା ଉପକୃତ ହେବେ । ଅତ୍ୟାଧୁନିକ ଜ୍ଞାନ କୌଶଳରେ ତିଆରି ବସ୍ଷ୍ଟାଣ୍ଡ ଭିତରେ ମାର୍କେଟ୍ କଂପ୍ଲେକ୍ସ, ସିକ୍ୟୁରିଟି ସୁବିଧା, ବସ୍ ଡ୍ରାଇଭରମାନଙ୍କ ବିଶ୍ରାମ ସ୍ଥାନ, ଯାତ୍ରୀ ପ୍ରତୀକ୍ଷାଳୟ, କ୍ୟାଣ୍ଟିନ, ଶୌଚାଳୟ, ପାନୀୟଜଳ ଇତ୍ୟାଦି ସୁବିଧା ରହିଛି । ପୂର୍ବରୁ ଏହି ଦୁଇଟି ସ୍ଥାନରେ ବ୍ୟବସ୍ଥିତ ବସ୍ଷ୍ଟାଣ୍ଡ ନଥିବା ବେଳେ, ବର୍ତ୍ତମାନ ଅତ୍ୟାଧୁନିକ ବସ୍ଷ୍ଟାଣ୍ଡ ନିର୍ମିତ ହୋଇଥିବା ଯୋଗୁଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ବେଶ୍ ଆନନ୍ଦ ଉଲ୍ଲାସ ଖେଳି ଯାଇଥିବା ଦେଖିବାକୁ ମିଳିଛି । ■





# ଗ୍ରାମାଞ୍ଚଳକୁ ସଂଯୋଗ କରୁଛି କଣିହାଁ ବସ୍‌ଷ୍ଟାଣ୍ଡ

**ଅଲେଖ ଭୂତିଆ, କଣିହାଁ**

ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ତାଳଚେର ନିର୍ବାଚନମଣ୍ଡଳୀର ୮ଟି ପଞ୍ଚାୟତ ଓ ପାଲଲହଡ଼ା ବିଧାନସଭା କ୍ଷେତ୍ରର ୧୯ଟି ପଞ୍ଚାୟତକୁ ନେଇ କଣିହାଁ ବ୍ଲକ୍‌କୁ ସଂଯୋଗ କରୁଛି ଲକ୍ଷ୍ମୀ ବସ୍ ସେବା। ଏହି ବସ୍ ସେବା ପାଇଁ ପ୍ରତ୍ୟେକ ଦିନ ଶହ ଶହ ଲୋକ ସୁବିଧାରେ ଯାତାୟାତ କରୁଛନ୍ତି। କଣିହାଁ ବ୍ଲକ୍‌କୁ ୩ଟି ଲକ୍ଷ୍ମୀ ବସ୍ ୩ଟି ରାସ୍ତା ଦେଇ ଯାଇଛି। ପ୍ରାୟ ୨୦ ଟି ପଞ୍ଚାୟତରୁ ପ୍ରାୟ ୨୫ରୁ ୩୦ ହଜାର ଲୋକଙ୍କ ପାଇଁ ଏହା ସାଜିଛି ବରଦାନ। ଲକ୍ଷ୍ମୀବସ୍‌ରେ ଲୋକଙ୍କ ଯାତାୟାତର ସୁବିଧା ପାଇଁ ପ୍ରାୟ ୪ କୋଟି ୩୧ ଲକ୍ଷ ୯୧ ହଜାର ୬୦୦ ଟଙ୍କା ବ୍ୟୟ ଅଟକଳରେ ନୂତନ ବସ୍‌ଷ୍ଟାଣ୍ଡଟି ନିର୍ମାଣ କରାଯାଇଛି। ଗତ ଫେବୃଆରି ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ବସ୍‌ଷ୍ଟାଣ୍ଡ ପଞ୍ଚାୟତ ସ୍ତରରୁ କଣିହାଁ ବ୍ଲକ୍ ଯାଏଁ ଜନସାଧାରଣଙ୍କ ଗମନାଗମନ ବ୍ୟବସ୍ଥାକୁ ସୁଗମ କରିଛି । ନୂତନ ବସ୍‌ଷ୍ଟାଣ୍ଡରେ ଅଫିସ୍ କାର୍ଯ୍ୟାଳୟ, ଟିକେଟ କାଉଣ୍ଟର ସହିତ ଯାତ୍ରୀ ପ୍ରତୀକ୍ଷାଳୟ, ବସିବା ପାଇଁ ଚେୟାର, ମହିଳା ଓ ପୁରୁଷଙ୍କ ଶୌଚାଳୟ ତଥା ଜଳପାନ ବିରତି ପାଇଁ ସୁବିଧା ଉପଲବ୍ଧ ହୋଇଛି। ବସଷ୍ଟାଣ୍ଡର କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ରହିବା ବ୍ୟବସ୍ଥା ମଧ୍ୟ କରାଯାଇଛି। କଣିହାଁ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ୪ଟି ଦୋକାନ ଗୃହ ନିର୍ମାଣ ହୋଇଛି । ଯାତ୍ରୀମାନଙ୍କୁ ଆହାର କେନ୍ଦ୍ର, ମିଶନ ଶକ୍ତି କାଫେ ସହିତ ବିଭିନ୍ନ ଉପଯୋଗୀ ସୁବିଧା ପ୍ରଦାନ କରାଯାଉଛି। ■






# ଦୀର୍ଘ ଦିନର ସ୍ୱପ୍ନ ହୋଇଛି ସାକାର

**ସମରେନ୍ଦ୍ର ଦୀକ୍ଷିତ, କାକଟପୁର**

ପୁରୀର ଜିଲ୍ଲାର କାକଟପୁରଠାରେ ପ୍ରାୟ ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ବସ୍‌ଷ୍ଟାଣ୍ଡ ଗତ ବର୍ଷ ଅଗଷ୍ଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ବସ୍‌ଷ୍ଟାଣ୍ଡ ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇ ନଥିଲେ ମଧ୍ୟ ରାତ୍ରିରେ ଏଠାରେ ବସ୍‌ଗୁଡ଼ିକ ରହୁଛି। ପୁରୀରୁ ଚାଲୁଥିବା ମୋ' ବସ୍ ଓ ୨ ଟି ଲକ୍ଷ୍ମୀ ବସ୍ ଏହି ବସ୍‌ଷ୍ଟାଣ୍ଡରୁ ଯିବାଆସିବା କରୁଛନ୍ତି। ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କ ପାଇଁ ଶୀତତାପ ନିୟନ୍ତ୍ରିତ ବିଶ୍ରାମ ଘରର ବ୍ୟବସ୍ଥା ମଧ୍ୟ ରହିଛି। ମହିଳାଙ୍କ ବିଶ୍ରାମ ଗୃହରେ ମା'ମାନଙ୍କ ସ୍ତନ୍ୟପାନ ପାଇଁ ସ୍ୱତନ୍ତ୍ର ସୁବିଧା କରାଯାଇଛି। ପ୍ରବେଶ ଓ ପ୍ରସ୍ଥାନ ଦ୍ୱାରରେ ୨ ଟି ସୁରକ୍ଷା ଗୃହ ସହିତ ଟିକେଟ୍ କାଉଣ୍ଟରର ବ୍ୟବସ୍ଥା ମଧ୍ୟ ରହିଛି। ଗାଡ଼ି ସଫାସୁତୁରା ପାଇଁ ମଧ୍ୟ ଏଠାରେ ସୁବିଧା ଅଛି। ରାତିରେ ବସ୍ କର୍ମଚାରୀଙ୍କ ରହିବା ପାଇଁ ଘର ଓ ଆନୁଷଙ୍ଗିକ ସୁବିଧା ମଧ୍ୟ ଏଠାରେ ଉପଲବ୍ଧ। ବସ୍‌ଷ୍ଟାଣ୍ଡରେ ରହିଛି ମାର୍କେଟ କମ୍ପ୍ଲେକ୍ସ। ଯାହା କାର୍ଯ୍ୟକ୍ଷମ ପରେ ଯାତ୍ରୀଙ୍କ ଆବଶ୍ୟକତାକୁ ପୂରଣ କରିପାରିବ। ତା'ସହ ଏଠାରେ ୧୦ଟି ଦୋକାନ ଘର ମଧ୍ୟ ଅଛି। ଦୀର୍ଘ ଦିନ ହେବ କାକଟପୁରରେ ବସ୍‌ଷ୍ଟାଣ୍ଡ ସାଧାରଣ ଜନତାଙ୍କ ପାଇଁ ସ୍ୱପ୍ନ ଥିଲା, ଯାହାକୁ ପୂରଣ କରିଛନ୍ତି ରାଜ୍ୟ ସରକାର। କାକଟପୁର ବସ୍‌ଷ୍ଟାଣ୍ଡ ପାଇଁ ବିକାଶର ନବୀନ ସ୍ୱପ୍ନ ଦେଖୁଥିବା ରାଜ୍ୟ ସରକାର ପ୍ରାୟ ୬ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଛନ୍ତି। ଏହି ବସ୍‌ଷ୍ଟାଣ୍ଡରେ ସିସି କ୍ୟାମେରାଠୁ ଆରମ୍ଭ କରି ଡ୍ରାଇଭର ବିଶ୍ରାମ ଗୃହ ପର୍ଯ୍ୟନ୍ତ ସମସ୍ତ ସୁବିଧା କରାଯାଇଛି। ■

# ହାତମୁଠାରେ ସୁଲଭ ବସ୍‌ସେବା

**ଦେବଦତ୍ତ ଦାଶ, କେନ୍ଦ୍ରପଡ଼ା**

କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ବସ୍‌ଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ ଏକପ୍ରକାର ଶେଷ ହୋଇଛି । ଜିଲ୍ଲାର କେନ୍ଦ୍ରାପଡ଼ା, ମାର୍ଶାଘାଇ, ମହାକାଳପଡ଼ା, ରାଜନଗର, ରାଜକନିକା, ଆଳି, ପଟ୍ଟାମୁଣ୍ଡାଇ ଏବଂ ଗରଦପୁର ଭଳି ୮ଟି ସ୍ଥାନରେ ବସ୍‌ଷ୍ଟାଣ୍ଡ ପାଇଁ ପ୍ରସ୍ତାବ ରହିଥିବାବେଳେ ସେଥିମଧ୍ୟରୁ ୬ଟିର କାର୍ଯ୍ୟ ଶେଷ ହୋଇଛି । ଆଉ ଦୁଇଟି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଛି। କେନ୍ଦ୍ରାପଡ଼ା ଏବଂ ପଟ୍ଟାମୁଣ୍ଡାଇ ବସ୍‌ଷ୍ଟାଣ୍ଡର କାର୍ଯ୍ୟ ଖୁବ୍ ଶୀଘ୍ର ଶେଷ ହେବ ବୋଲି ସୂଚନା ମିଳିଛି। ବର୍ତ୍ତମାନ ୬ଟି ବସ୍‌ଷ୍ଟାଣ୍ଡରେ ୧୮ ଟି ଲକ୍ଷ୍ମୀ ବସ୍ ଯାତାୟାତ କରିବା ସହିତ ଶତାଧିକ ବେସରକାରୀ ବସ୍ ମଧ୍ୟ ଚାଲୁଛି । ଗୋଟିଏ ଗୋଟିଏ ବସ୍‌ଷ୍ଟାଣ୍ଡ ପାଇଁ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି । ସାଧାରଣ ଗ୍ରାମାଞ୍ଚଳ ଲୋକେ ବଜାର ସହିତ ଯୋଡ଼ି ହୋଇଛନ୍ତି । ସେମାନଙ୍କ ସାମଗ୍ରୀ ବିକ୍ରି କରିବା ଆଜି ସହଜ ହୋଇଛି। ବିଶେଷ ଭାବରେ କଲେଜ ଛାତ୍ରଛାତ୍ରୀମାନେ ବସ୍‌ଷ୍ଟାଣ୍ଡ ଆଉ ଲକ୍ଷ୍ମୀ ବସ୍ ଯୋଗୁଁ ବିଶେଷ ଭାବରେ ଉପକୃତ ହୋଇଛନ୍ତି। ନୂଆ ବସ୍‌ଷ୍ଟାଣ୍ଡଗୁଡ଼ିକ କେନ୍ଦ୍ରାପଡ଼ା ଜିଲ୍ଲାକୁ ଏକ ନୂଆ ପରିଚୟ ସୃଷ୍ଟି କରିଛି। ଉପାନ୍ତ ତଥା ଦୁର୍ଗମ ଗ୍ରାମାଞ୍ଚଳରେ ସହରାଞ୍ଚଳ ଭଳି ବସ୍‌ଷ୍ଟାଣ୍ଡ ନିର୍ମିତ ହୋଇଛି । ଯାତ୍ରୀମାନଙ୍କ ପାଇଁ ଅନେକ ସୁବିଧା ରହିଛି । ପିଇବା ପାଣି ଓ ଶୌଚାଳୟ ବ୍ୟବସ୍ଥା ମଧ୍ୟ ରହିଛି। ବସ୍‌ଷ୍ଟାଣ୍ଡକୁ ସୁନ୍ଦର ବା ଆକର୍ଷଣୀୟ କରିବା ଲାଗି ଚତୁଃପାର୍ଶ୍ୱରେ ସୁନ୍ଦର ଫୁଲଗଛ ଓ ବିଭିନ୍ନ ରଙ୍ଗିନ ଆଲୋକରେ ସଜ୍ଜୀକରଣ କରାଯାଇଛି। ସହରାଞ୍ଚଳ ବସ୍‌ଷ୍ଟାଣ୍ଡ ଭଳି ଉପାନ୍ତ ଦୁର୍ଗମ ଅଞ୍ଚଳରେ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇଥିବାରୁ କେନ୍ଦ୍ରାପଡ଼ାବାସୀ ବେଶ୍ ଉପକୃତ ହେଉଛନ୍ତି। ■







# ଗମନାଗମନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିଛି ଆମ ବସ୍‌ଷ୍ଟାଣ୍ଡ

**ଶରତ ଦାସ, କେନ୍ଦୁଝର**

ରାଜ୍ୟ ସରକାର ପ୍ରାୟ ୪ କୋଟି ୪୦ ଲକ୍ଷ ୧୯ ହଜାର ଟଙ୍କା ବ୍ୟୟରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର କଚେରି ନିକଟସ୍ଥ ଫକୀରମୋହନ ବସ୍‌ଷ୍ଟାଣ୍ଡରେ ନିର୍ମିତ ହୋଇଛି ଆମ ବସ୍‌ଷ୍ଟାଣ୍ଡ। ଏହି ବସ୍‌ଷ୍ଟାଣ୍ଡ ପରିସରରେ ବସ୍ ରହଣି ପାଇଁ ୬ଟି ବସ୍ ବେ, ଯାତ୍ରୀ ପ୍ରତୀକ୍ଷାଳୟ, ଶୌଚାଳୟ , ସ୍ନାନାଗାର, ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ, ଡ୍ରାଇଭରମାନଙ୍କ ପାଇଁ ସ୍ୱତନ୍ତ୍ର ଶୟନକକ୍ଷ, କାଫେ, ପାନୀୟ ଜଳ ସୁବିଧା ରହିଛି। ସେହିପରି ଯାତ୍ରୀମାନଙ୍କ ପାଇଁ ଡାକବାଜି ଯନ୍ତ୍ର ଯୋଗେ ସୂଚନା ଦେବାକୁ ବ୍ୟବସ୍ଥା କରାଯାଇଛି।

ସେହିପରି ରାଜ୍ୟ ସରକାର ପ୍ରାୟ ୪ କୋଟି ୩୨ ଲକ୍ଷ ଟଙ୍କା ବ୍ୟୟରେ କେନ୍ଦୁଝର ଜିଲ୍ଲାର ଘସିପୁରାରେ ଆମ ବସ୍‌ଷ୍ଟାଣ୍ଡ ନିର୍ମାଣ କରିଛନ୍ତି। ଗ୍ରାମାଞ୍ଚଳରେ ଗମନାଗମନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଓ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ଏହି ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଛି। ଏହି ବସ୍‌ଷ୍ଟାଣ୍ଡ ପରିସରରେ ବସ୍ ରହଣି ପାଇଁ ୬ଟି ବସ୍ ବେ, ଯାତ୍ରୀ ପ୍ରତୀକ୍ଷାଳୟ, ଶୌଚାଳୟ ଓ ସ୍ନାନାଗାର, ଯାତ୍ରୀମାନଙ୍କ ପାଇଁ ସବୁ ପ୍ରକାର ସୁବିଧା ରହିଛି।

ସେହିପରି ସାହାରପଡ଼ା ବ୍ଲକ୍ ମୁଖ୍ୟାଳୟ ଗୋରାଣ୍ଡିଯୋଡ଼ିଠାରେ ନିର୍ମିତ ହୋଇଛି ଆମ ବସ୍‌ଷ୍ଟାଣ୍ଡ । ଏହି ବସ୍‌ଷ୍ଟାଣ୍ଡ ଉପରେ ସାହାରପଡ଼ା ବ୍ଲକ୍‌ର ୨୦ ଟି ପଞ୍ଚାୟତର ଲକ୍ଷାଧିକ ଲୋକେ ଉପକୃତ ହେବେ। ୩ କୋଟିରୁ ଅଧିକ ଖର୍ଚ୍ଚରେ ନିର୍ମିତ ଏହି ବସ୍‌ଷ୍ଟାଣ୍ଡରର ଯାତ୍ରୀ ସୁବିଧାକୁ ଗୁରୁତ୍ୱ ଦିଆଯାଇଛି। ଏହି ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କ ପାଇଁ ବିଭିନ୍ନ ପ୍ରକାର ସବୁିଧା ରହିଛି। ■



# ନୀତି ଅନୀତି ରାଜନୀତି

ଶ୍ରୀବିଦୂର



## ପୁତୁଲଙ୍କୁ ଶ୍ରୀକାନ୍ତ ପୀଡ଼ା

ଦିଲ୍ଲୀରେ ପ୍ରଭାରୀ ଅଜୟ କୁମାରଙ୍କ ଉପସ୍ଥିତିରେ ଶ୍ରୀକାନ୍ତ ପୁନର୍ବାର ହାତ ଧରିବା ମାଷ୍ଟରକ୍ୟାଣ୍ଟିନ ମଠର ପୂର୍ବ ମହନ୍ତ ପୁତୁଲଙ୍କୁ କୁଆଡ଼େ ଅତ୍ୟନ୍ତ ପୀଡ଼ାଦାୟକ ହୋଇଛି। ଏକ ସମୟରେ ମଠ ମହନ୍ତ ଦାୟିତ୍ୱ ନେବା ସଙ୍ଗେସଙ୍ଗେ ଭାତୃ ଅପମାନର ପ୍ରତିଶୋଧ ନେବା ନିମନ୍ତେ ଶ୍ରୀକାନ୍ତଙ୍କୁ ହାତ ମଠରୁ ବହିଷ୍କାର ବାଟ ଦେଖାଇ ଦେଇଥିଲେ ପୁତୁଲ। ଶ୍ରୀକାନ୍ତଙ୍କ ଚେର ଛିନ୍ନ ପରେ ନିଜ ପୁଅଙ୍କୁ ବାଲେଶ୍ୱର ଲୋକସଭା ଆସନରୁ ପ୍ରାର୍ଥୀ କରିବାରେ ମଧ୍ୟ ସକ୍ଷମ ହୋଇଥିଲେ ଓ ଏଥର ମଧ୍ୟ ପୁଅକୁ ବାଲେଶ୍ୱରରୁ ପ୍ରାର୍ଥୀ କରିବା ପାଇଁ ଲକ୍ଷ୍ୟ ରଖିଥିଲେ; ମାତ୍ର ଶ୍ରୀକାନ୍ତଙ୍କ ଲେଉଟାଣି ତାଙ୍କର ସବୁ ଯୋଜନା ଉପରେ କୁଆଡ଼େ ପାଣି ଢ଼ାଳି ଦେଇଛି। ରାହୁଲଙ୍କ ଓଡ଼ିଶା ପଦଯାତ୍ରା ସମୟରେ କୁଆଁରମୁଣ୍ଡାରେ ଯାହା ଘଟଣା ଘଟିଲା, ସେ ଦୁଃଖ ପୁତୁଲ ପାଶୋରି ନାହାନ୍ତି। ରାହୁଲଙ୍କ ମଞ୍ଚରେ ପୁତୁଲ ନନ୍ଦନଙ୍କୁ ଭାଷଣ ସୁଯୋଗ ତ ଦୂରର କଥା, କୁଆଡ଼େ ଦଳର ନେତାମାନେ ସ୍ଥାନ ଦେଲେ ନାହିଁ। ଏବେ ପୁଣି ଶ୍ରୀକାନ୍ତଙ୍କ ପ୍ରତ୍ୟାବର୍ତ୍ତନ ପରେ ବାଲେଶ୍ୱରରୁ ପୁଅଙ୍କ ପ୍ରାର୍ଥୀ ହେବା ସମ୍ଭାବନାକୁ ମଳିନ କରି ଦେଇଛି। ପୁତୁଲ ଓ ତାଙ୍କ ପରିବାର ସହ ଶ୍ରୀକାନ୍ତଙ୍କ ମଧୁର (!) ସମ୍ପର୍କ କାହାକୁ ଅଜଣା ନାହିଁ। ଦଳରେ ଥିବାବେଳେ ପୂର୍ବରୁ ଶ୍ରୀକାନ୍ତ ପୁତୁଲ ଏଣ୍ଡ କୋଃ.ଙ୍କ ବିରୋଧରେ ଆରମ୍ଭ କରିଥିବା 'ଧନ ପଶୁ' ଅଭିଯାନର ଘା'ର କ୍ଷତ ଓ ଚିହ୍ନ ଏବେ ବି ପୂରଣ ହୋଇନାହିଁ। ସେଥିପାଇଁ ପୁତୁଲଙ୍କ ସମର୍ଥକ ଏବେ ଶ୍ରୀକାନ୍ତଙ୍କୁ କେନ୍ଦ୍ରାପଡ଼ାରୁ ଲୋକସଭା ପ୍ରାର୍ଥୀ କଲେ ଭଲ ହେବ ବୋଲି ଦିଲ୍ଲୀରେ ଲବି କରିବା ଆରମ୍ଭ କରିଥିବା ଶୁଣିବାକୁ ମିଳୁଛି। ■



## ଭାଗ୍ୟ ଢଙ୍ଗାରେ କଣା

ସଂଗ୍ରାମୀ ବରୀ ମାଟିର ନେତା ଦେବାଶିଷଙ୍କ ରାଶି ନକ୍ଷତ୍ରରେ କି ଯୋଗ ଚାଲିଛି କେଜାଣି, ଧରୁଥିବା ସବୁ ଡ଼ାଳ ମଟମଟ କରି ଭାଙ୍ଗି ଯାଉଛି। ଶଙ୍ଖ ଦଳ କେଉଁ କାଳରୁ ତାଙ୍କ ସହ ସବୁ ସମ୍ପର୍କ ଛିନ୍ନ କରି ସାରିଛି। ରାଜ୍ୟ ରାଜନୀତିର ମୂଳ ଧାରାରୁ ଦେବାଶିଷ ଅନେକ କାଳରୁ ଏକପ୍ରକାର ବିଚ୍ଛିନ୍ନ। ମଝିରେ ସେ କେ.ଚନ୍ଦ୍ରଶେଖର ରାଓଙ୍କ ଭାରତ ରାଷ୍ଟ୍ର ସମିତିରେ ଯୋଗ ଦେଇଥିବା ଶୁଣା ଯାଉଥିଲା। ମାତ୍ର ଓଡ଼ିଶାରେ କ୍ଷେତରେ ବିଆରଏସ୍ ବିହନ ଗଜା ଧରିବ ନାହିଁ ବୋଲି ଅନୁଭବ କରିବା ପରେ କେସିଆର୍ ପଛେଇଗଲେ। ତେଲଙ୍ଗାନା ବିଧାନସଭା ନିର୍ବାଚନରେ ପ୍ରଚଣ୍ଡ ପରାଜୟ ପରେ କେସିଆର୍ ଚୁପ୍ ଆଉ ବିଆର୍ଏସ୍‌ର ଗୋଲାପୀ କାର୍ କାର୍ବୋରେଟର ଜାମ୍। ବିଆର୍ଏସ୍ ଯୋଗଦାନ ସ୍ୱପ୍ନ ତୁଟିବା ପରେ କିଛିକାଳ ନିରବ ରହିଥିବା ଦେବାଶିଷ ଏବେ ହାଲିହାଲି ଗେରୁଆ ଟୋପି ପିନ୍ଧି ବରୀ ମୁହାଁଇବା ବେଳକୁ 'ମେଣ୍ଟ' ଚଡ଼ଚଡ଼ି ତାଙ୍କ ଭାଗ୍ୟ ଢ଼ଙ୍ଗାକୁ କଣା କରି ଦେଇଛି। କ୍ଷମତାରେ ଥିବା ସମୟରେ ମିଆଁ ଭାଇଙ୍କ ହାତରେ ଦଳ ଆଉ ସଙ୍ଗଠନକୁ ସମର୍ପି ଦେଇ କର୍ମୀ ଆଉ କର୍ମକର୍ତ୍ତାଙ୍କୁ ପାଖରେ ପୂରାଇ ଦେଲେ ନାହିଁ; ଯାହାର ପରିଣାମ ତାଙ୍କୁ ଭୋଗିବାକୁ ପଡ଼ିଲା। ଏବେ ବରୀରେ ନା ଅଛି ସଙ୍ଗଠନ, ନା ଅଛନ୍ତି ସମର୍ଥକ। ଗେରୁଆ ଟୋପି ଆଉ ପଦ୍ମ ଚିହ୍ନକୁ ନେଇ ପୁଣିଥରେ ବରୀରେ ନିଜ ପତିଆରା ବଢ଼ାଇବାକୁ ବାନ୍ଧିଥିବା ଆଶା ଏବେ ପୁଣି ତୁଟିବା ପରି ଲାଗୁଛି। ସେଥିପାଇଁ ଦେବାଶିଷ କୁଆଡ଼େ ରାଜ୍ୟ ପଦ୍ମ ଦଳିଆ ନେତାଙ୍କ ଉପରେ ଭାରି ବୀତସ୍ପୃହ, ଆଉ ତାଙ୍କର ଆଙ୍ଗୁଳି ଗଣତି ସମର୍ଥକ ମନମୋହନ କମ୍ପାନୀର ଚଉଦ ପୁରୁଷ ଉଖାଳିବାରେ ବ୍ୟସ୍ତ।■



## ଲିଭିଲା ବେଳେ ତେଜ

ଲିଭିଲା ବେଳକୁ ଦୀପ ତେଜ ଅଧିକ ହୁଏ, ହାପୁ ହାପୁ କରି ଜଳେ ଆଉ ଧପ୍ କରି ଲିଭିଯାଏ। ତା ପରେ ପୋଡ଼ା କଳା ସଳିତାରୁ କିଛି ସମୟ ଧୂଆଁ ଉଠି ନିସ୍ତେଜ ହୋଇଯାଏ। ଶଙ୍ଖ ଦଳରୁ ବିତାଡ଼ିତ ହୋଇ ନିକଟରେ ଗେରୁଆ ଟୋପି ପିନ୍ଧିଥିବା ଗୋପାଳପୁର ପାଣିଗ୍ରାହୀ କୁଆଡ଼େ ଏବେ ସେମିତି ସ୍ଥିତିରେ ଗତି କରୁଛନ୍ତି। ଭାବୀ ଜାମାତାଙ୍କ ସହ ମିଶି ଟାଟା କମ୍ପାନୀରେ ଲୋକଙ୍କୁ ଚାକିରି ଦେବା ଘଟଣା ଆଉ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଘଟଣାରେ ତାଙ୍କୁ କୃଷ୍ଣଙ୍କ ଜନ୍ମସ୍ଥାନ ଦେଖିବାକୁ ପଡ଼ିଲା। କୋଭିଡ଼ କାଳରେ ଜନ ବିରୋଧୀ ଆଚରଣ ଓ କାର୍ଯ୍ୟ ପାଇଁ ଶଙ୍ଖପତି ଦଳରୁ ତଡ଼ି ଦେଲେ, ତଥାପି ବାବୁଙ୍କ ଆଣ୍ଠ ଭାଙ୍ଗିନାହିଁ। କୁଟୀଳ ହସ ହସି ନିଜକୁ ବଡ଼ଭାଇ ବୋଲାଇ ଅନ୍ୟକୁ କଟାକ୍ଷ କରିବାରେ ବାବୁ ତିଳେମାତ୍ର କୁଣ୍ଠାବୋଧ କରୁନାହାନ୍ତି। ନିଜକୁ ବଡ଼ ପଣ୍ଡିତ ଓ ଜ୍ଞାନୀ ମନେ କରି ବୁମ୍‌ଧାରୀମାନଙ୍କୁ ନିଜ ମୂଲିଆ ପରି ବ୍ୟବହାର କରୁଛନ୍ତି। ଯେଉଁ ଦଳର କେନ୍ଦ୍ରମନ୍ତ୍ରୀଙ୍କୁ ସିଏ ଅଶ୍ରାବ୍ୟ ସମାଲୋଚନା କରୁଥିଲେ, ଏବେ ନିଜ ରାଜନୈତିକ ସ୍ଥିତି ବଞ୍ଚାଇବାକୁ ସେହି ଦଳର ଶରଣ ପଶିଲେ। ଆଉ ଏ କଥା ପଚାରିବା ବେଳକୁ ବାବୁଙ୍କ ପାରା ମୁଣ୍ଡକୁ ଉଠି ଯାଉଛି। କାହାକୁ କ'ଣ କହୁଛନ୍ତି ତାହାର ହିସାବ ରଖୁନାହାନ୍ତି। ଗେରୁଆ ଟୋପି ପିନ୍ଧିବା ସମାବେଶରେ ପ୍ରଶ୍ନ କର୍ତ୍ତା ଗଣମାଧ୍ୟମ ପ୍ରତିନିଧିଙ୍କୁ ତୁ, ତମେ ପରି ଶବ୍ଦ ଫିଙ୍ଗିଥିବା ଟିଭିରେ ଦେଖାଗଲା। ଆଉ ଏବେ ? ସେଇଥିପାଇଁ ପରା ବଡ଼ବଡ ଲୋକମାନେ କହି ଯାଇଛନ୍ତି-

**ଅତି ଗର୍ବେ ହତଃ ଲଙ୍କା, ଅତି ମାନେଷ୍ଟ କୌରବଃ।**
**ଅତି ଦାନେ ବଳି ହତଃ, ଅତି ସର୍ବତ୍ର ଗର୍ହିତମ୍।** ■



## ମହାକୁଡ଼ଙ୍କ ମୋହଭଙ୍ଗ

ଏକ ସମୟରେ ସନାତନ ଥିଲେ ରାଜ୍ୟରେ ଅନ୍ୟତମ ଚର୍ଚ୍ଚିତ ବ୍ୟକ୍ତିତ୍ୱ। ସେ ସମୟରେ ଚମ୍ପୂଆ, ଯୋଡ଼ା ଅଞ୍ଚଳରେ ଗଛପତ୍ର ହଲିବାକୁ ବି କୁଆଡ଼େ ସନାତନଙ୍କଠାରୁ ଅନୁମତି ନେଉଥିଲେ ବୋଲି ତାଙ୍କର କିଛି ରାଜଧାନୀଆ ପ୍ରଶଂସକ କହୁଥିଲେ। ଅତ୍ୟଧିକ ମହତ୍ୱାକାଂକ୍ଷା ତାଙ୍କୁ ରାଜନୀତିକୁ ଟାଣି ଆଣିଲା। ସେ ବିଧାୟକ ହେଲେ, ପରେ ଜନସମୃଦ୍ଧି ନାମକ ଏକ ରାଜନୈତିକ ଦଳ ବି ଗଢ଼ିଲେ। ଏମିତି କି ଜନସମୃଦ୍ଧି ଦଳ ରାଜ୍ୟର ସବୁ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି ବି ସେତେବେଳେ ଚର୍ଚ୍ଚା ହେଲା। ମାତ୍ର ବ୍ୟବସାୟ ବାଣିଜ୍ୟରେ ନିଜକୁ ସୀମିତ ରଖିଥିବା ସନାତନ ଯେବେଠାରୁ ରାଜନୈତିକ ଦଳ ଗଢ଼ି 'କିଙ୍ଗ ମେକର୍'ରୁ 'କିଙ୍ଗ' ହେବାକୁ ମନ ବଳାଇଲେ; ସେବେଠାରୁ କୁଆଡ଼େ ତାଙ୍କ ଭାଗ୍ୟରେ ଶନିଙ୍କ 'ବକ୍ରୀ' ଦୃଷ୍ଟି ପଡ଼ିଥିବା କୁହାଯାଉଛି। ଘରେ ଚୋରି, ବିଭିନ୍ନ କେନ୍ଦ୍ରୀୟ ଏଜେନ୍ସିର ଯାଞ୍ଚ, ଅନୁଗତଙ୍କ ମଧ୍ୟରେ ବିଭେଦ ପରି ଗୋଟିକ ପରେ ଗୋଟିଏ ଘଟଣା ସନାତନଙ୍କୁ ବିବଶ କରି ଦେଇଛି। ଏମିତି ଅବସ୍ଥାରେ ତାଙ୍କର ପୁରୁଣା ପ୍ରଭାବ ଓ ଜଣେ ପୂର୍ବତନ ବିଧାୟକର ପରିଚୟକୁ ଆଗାମୀ ନିର୍ବାଚନରେ ବ୍ୟବହାର କରିବାକୁ ଏକ ଜାତୀୟ ଦଳର କିଛି ନେତା କୁଆଡ଼େ ସନାତନଙ୍କୁ ନିଜ ଦଳରେ ମିଶିବାକୁ ପ୍ରସ୍ତାବ ଦେଇଥିବା ଶୁଣିବାକୁ ମିଳୁଛି। ମାତ୍ର ସନାତନଙ୍କ ଶିବିରରୁ କୌଣସି ଉତ୍ତର ମିଳୁନାହିଁ। ରାଜନୀତି କରିବାର 'ଗଙ୍ଗା ଫଳ' ମିଳି ସାରିଛି, ଆଉ ରାଜନୀତି ମୋହ ନାହିଁ ବୋଲି ସନାତନଙ୍କ କିଛି ଘନିଷ୍ଠ ଅନୁଗତ କୁଆଡ଼େ ପ୍ରସ୍ତାବ ନେଇ ଯାଇଥିବା ସମ୍ପୃକ୍ତ ରାଜନୈତିକ ଦଳର ନେତାଙ୍କୁ କହିଛନ୍ତି। ମାତ୍ର ରାଜନୀତିରୁ ସତରେ ସନାତନଙ୍କ ମୋହଭଙ୍ଗ ହୋଇଛି, ତାହା ସହଜରେ କେହି ବିଶ୍ୱାସ କରିପାରୁ ନାହାନ୍ତି। ■

**ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ। ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ। ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ।**